## ସଂକ୍ଷେପରେ

### ଯୁବକଙ୍କୁ ଧମକ ଅଭିଯୋଗ

ଅନୁଗୋଳ ଅଫିସ, ୬।୪- ଅନୁଗୋଳ ଖଣ୍ଡହତା ତଳସାହି ଅଞ୍ଚଳର ବିଦ୍ୟାଧର ବେହେରାଙ୍କୁ ଶୁକ୍ରବାର ରାତିରେ ୨ ଜଣ ଅଚିହ୍ନା ଯୁବକ ଧମକ ଚମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ବିଦ୍ୟାଧର ଘର ବାରଣ୍ଡାରେ ଶୋଇଥିବାବେଳେ ବିଳମ୍ବିତ ରାତିରେ ୨ ଜଣ ଯୁବକ ମାରଣାସ୍ତ୍ର ଧରି ଏକ ବାଇକ୍(ନଂ.ଓଡି-୧୯-ଏଫ-୩୩୪୩)ରେ ଆସି ତାଙ୍କୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ନଂ.୨୫୨/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### କମ୍ୟୁନିଷ୍ଟ ନେତାଙ୍କ ପରଲୋକ



ଛେଣ୍ଡିପଦା,୬।୪(ଡି.ଏନ.ଏ.)- ଛେଣ୍ଡିପଦା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଶିଷ୍ଟ କମ୍ୟୁନିଷ୍ଟ ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ନିମେଇ ଚରଣ ସେଠୀ (୯୭)ଙ୍କ ଶନିବାର ସକାଳେ ଛେଣ୍ଡିପଦା ଥାନା ପୋଡାପଡା ଗ୍ରାମ ସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯିବାପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସୂଚନାଯୋଗ୍ୟ, ନିମେଇ ୧୯୬୧ରେ ଛେଣ୍ଡିପଦା ବିଧାନସଭା ଆସନ ପାଇଁ କମ୍ୟୁନିଷ୍ଟ ପାର୍ଟି ତରଫରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇ ଥିଲେ। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ପଦ ନାଏକଙ୍କଠାରୁ ମାତ୍ର ୮୮୬ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ପ୍ରକାଶ।

## ଅନୁଗୋଳ ଗସ୍ତରେ ୩ ପର୍ଯ୍ୟବେକ୍ଷକ

# ୨ୟ ପର୍ଯ୍ୟାୟ ରାଣ୍ଡୋମାଇଜେଶନ ତଦାରଖ

ଅନୁଗୋଳ ଅଫିସ, ୬।୪



ଏନ୍‌ଆଇସି କାର୍ଯ୍ୟାଳୟଠାରେ ପର୍ଯ୍ୟବେକ୍ଷକଙ୍କ ସହ ପ୍ରଶାସନିକ ଅଧିକାରୀମାନେ।

ଚଳିତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ ପରିଚାଳନା ପାଇଁ ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀର ସାଧାରଣ ପର୍ଯ୍ୟବେକ୍ଷକ ଅଶୋକ ଏ ସିଙ୍ଗାରେ, ସମ୍ବଲପୁର ଲୋକ ସଭା ନିର୍ବାଚନ ମଣ୍ଡଳୀର ପୋଲିସ ପର୍ଯ୍ୟବେକ୍ଷକ ଚନ୍ଦ୍ର କିଶୋର ମିନା, ଢେଙ୍କାନାଳ ଲୋକ ସଭା ନିର୍ବାଚନ ମଣ୍ଡଳୀର ପୋଲିସ ପର୍ଯ୍ୟବେକ୍ଷକ ଅଶୋକ କୁମାର ଗୁପ୍ତା ଶନିବାର ପୂର୍ବାହ୍ଣରେ ଅନୁଗୋଳ ଜିଲା ଗସ୍ତରେ ଆସି ସର୍କିଟ ହାଉସଠାରେ ସମୀକ୍ଷା କରିଛନ୍ତି। ଜିଲାପାଳ ମନୋଜ କୁମାର ମହାନ୍ତି ଓ ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ସମୀକ୍ଷା ବୈଠକରେ ଉପସ୍ଥିତ ରହି ପର୍ଯ୍ୟବେକ୍ଷକମାନଙ୍କୁ ନିର୍ବାଚନ ପରିଚାଳନା ସମ୍ପର୍କୀୟ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ସିଙ୍ଗାରେ ୬୨-ଛେଣ୍ଡିପଦା ଓ ୬୩-ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ଭୋଟ ଗ୍ରହଣ କେନ୍ଦ୍ର ଏବଂ ଏହାର ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ୨ଟି ନିର୍ବାଚନ ମଣ୍ଡଳୀରେ ୱେବ୍ କାଷ୍ଟିଙ୍ଗ୍ ଓ ଭିଡିଓ ଟିମ୍ ଗଠନ ଏବଂ ଏହାର କାର୍ଯ୍ୟକାରିତା ସମୀକ୍ଷା କରିଥିଲେ। ଜିଲାରେ ସମସ୍ତ ୫ଟି ନିର୍ବାଚନ ମଣ୍ଡଳୀରେ ୧୨୨ଟି ୱେବ୍ କାଷ୍ଟିଙ୍ଗ୍ ବୁଥ୍ ହେବା ସହ ପ୍ରତି ନିର୍ବାଚନ ମଣ୍ଡଳୀରେ ଗୋଟିଏ ଲେଖାଏଁ ସଖୀ ପୋଲିଂ ବୁଥ୍ କାର୍ଯ୍ୟକାରୀ ହେବ ବୋଲି ଜିଲାପାଳ କହିଥିଲେ। ସେହିପରି ପର୍ଯ୍ୟବେକ୍ଷକ ମିନା ଏବଂ ଗୁପ୍ତା ନିର୍ବାଚନ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ପାଇଁ କ'ଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଦ୍ୱିତୀୟ ପର୍ଯ୍ୟାୟ ପୋଲିଂ ପାର୍ଟି ରାଣ୍ଡୋମାଇଜେଶନ୍ କାର୍ଯ୍ୟ ଅନୁଗୋଳ ଏନ୍‌ଆଇସି ଠାରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏନ୍‌ଆଇସିର ଡିଆଇଓ ସୁବ୍ରତ କୁମାର ଚାଟାର୍ଜୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏନ୍‌ଆଇସି ଅନ୍‌ଲାଇନ ରାଣ୍ଡୋମାଇଜେଶନ୍ ମାଧ୍ୟମରେ ପୋଲିଂ ପାର୍ଟିମାନଙ୍କୁ ଦଳରେ ଟ୍ୟାଗ୍ କରାଯାଇଛି। ସେମାନଙ୍କୁ ସମ୍ପୃକ୍ତ ରିଟର୍ନିଂ ଅଫିସରମାନେ ନିଯୁକ୍ତି ପତ୍ର ପ୍ରଦାନ କରିବେ ଓ ସେମାନେ ଉକ୍ତ ନିର୍ବାଚନ ମଣ୍ଡଳୀରେ ତାଲିମ ଗ୍ରହଣ କରିବେ ବୋଲି ଜଣାପଡିଛି। ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ରହି ରାଣ୍ଡୋମାଇଜେଶନ୍ କାର୍ଯ୍ୟକୁ ତଦାରଖ କରିଥିଲେ। ପରେ ଅନୁଗୋଳ ସରକାରୀ ମହାବିଦ୍ୟାଳୟ ଠାରେ ଥିବା ଇଭିଏମ୍ ଓ ଭିଭିପିଏଟି ଷ୍ଟ୍ରଙ୍ଗ ରୁମ୍‌କୁ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଡେପୁଟି କଲେକ୍ଟର ବୈତୁରା ଦୀପ୍, ଡେପୁଟୀ କଲେକ୍ଟର(ନିର୍ବାଚନ) ଲମ୍ବୋଦର ମାରାଣ୍ଡି, ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ, ଅବକାରୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ନାୟକଙ୍କ ସମେତ ଏନ୍‌ଆଇସିର କର୍ମଚାରୀ, ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ପୌର କର୍ମଚାରୀଙ୍କ ବିରୋଧରେ ଅଭିଯୋଗ

# ବ୍ୟବସାୟୀଙ୍କୁ ଧମକାଇ ଫଳ ନେଇଗଲେ

ଅନୁଗୋଳ ଅଫିସ, ୬।୪

ଅନୁଗୋଳ ପୌରପାଳିକାର ଜନୈକ କର୍ମଚାରୀ ଜଣେ ବେପାରୀଙ୍କଠାରୁ ଜବରଦସ୍ତି ଫଳ ନେଇଯିବା ଏବଂ ଟଙ୍କା ନ ଦେଇ ପଳାଇଯିବା ନେଇ ପୌର ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ରାଜ୍ୟ ବାହାରୁ ଆସି ଏଠାରେ ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଠେଲା ଦୋକାନୀ ଭାବେ ବ୍ୟବସାୟ କରୁଥିବା ବ୍ୟକ୍ତି ଜଣକ ତୁରନ୍ତ ସମ୍ପୃକ୍ତ ପୌର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ବ୍ୟବସାୟୀଙ୍କ ଅଭିଯୋଗ ମୁତାବକ, ଶୁକ୍ରବାର ମଧ୍ୟାହ୍ନରେ ପୌର କର୍ମଚାରୀ ଜଣକ ଅନୁଗୋଳ ବସ୍‌ଷ୍ଟାଣ୍ଡକୁ ଆସିଥିଲେ। ସେଠାରେ ସେ ତାଙ୍କୁ ଏକ କେଜି ଅଙ୍ଗୁର ଓ ଡଜନେ କଦଳୀ ମାଗିଥିଲେ। ଦୋକାନୀ ତାଙ୍କୁ ଅଙ୍ଗୁର, କଦଳୀ ଦେବା ପରେ ଟଙ୍କା ମାଗିଥିଲେ। ହେଲେ ସେ ଜଣେ ପୌରପାଳିକା କର୍ମଚାରୀ, ଟଙ୍କା କାହିଁକି ଦେବି ବୋଲି କହିଥିଲେ। ଦୋକାନୀ ଏହା ଶୁଣି ଫଳ ଦେଇହେବ ନାହିଁ ବୋଲି କହିବା ପରେ ପୌର କର୍ମଚାରୀ ଜଣଙ୍କ ତାଙ୍କୁ ଧମକାଇଥିଲେ। ପଲିଥିନ ବ୍ୟବହାର କରୁଥିବାରୁ ଜରିମାନା ବାବଦରେ ୫ଶହ ଦେବାକୁ ପଡିବ ବୋଲି ଦୋକାନୀଙ୍କୁ କର୍ମଚାରୀ ଜଣକ କହିଥିଲେ। ଏଥିସହ ସଙ୍ଗେ ସଙ୍ଗେ ପୌର କାର୍ଯ୍ୟାଳୟକୁ ଯାଇ ଜରିମାନା କଟାଯାଉଥିବା ରସିଦ୍ ଆଣି ବ୍ୟବସାୟୀଙ୍କୁ ଟଙ୍କା ମାଗିଥିଲେ। ବ୍ୟବସାୟ ହୋଇ ନ ଥିବାରୁ ଏତେ ଟଙ୍କା ଦେଇପାରିବେନି ବୋଲି ଦୋକାନୀ ଜଣକ କହିବା ପରେ ସମ୍ପୃକ୍ତ କର୍ମଚାରୀ ଏକ ପଲିଥିନରେ ଅଙ୍ଗୁର ଓ କଦଳୀ ନେଇ ସେଠାରୁ ପଳାଇଯାଇଥିଲେ। ପରେ ଘଟଣା ସମ୍ପର୍କରେ ପୌର ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିବା ବ୍ୟବସାୟୀ ଜଣକ କହିଛନ୍ତି। ଘଟଣାକୁ ୨ ଦିନ ବିତି ଯାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି।

**ଅନୁଧ୍ୟାନ ପରେ ପଦକ୍ଷେପ- ପୌର ଅଧିକାରୀ**

ଏ ସମ୍ପର୍କରେ ପୌର ଅଧିକାରୀ ଶୁଭେନ୍ଦୁ ଜେନାଙ୍କୁ ପଚାରିବାରେ କହିଛନ୍ତି, ଏପରି କିଏ କରିଛି ଜାଣି ନାହିଁ। ଘଟଣାର ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# କର୍ମୀଙ୍କ ସହ ଆଲୋଚନା କଲେ କେପି

ତାଳଚେର, ୬।୪(ନି.ପ୍ର.)



ଦଳୀୟ କର୍ମୀଙ୍କ ସହ କାମାକ୍ଷାପ୍ରସାଦ ସିଂହଦେଓ।

ଢେଙ୍କାନାଳ ଲୋକ ସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ କାମାକ୍ଷା ପ୍ରସାଦ ସିଂହଦେଓ(କେପି) ଶୁକ୍ରବାର ତାଳଚେର ଟାଉନ, କଳମଛୁଇଁ, ବଡତ୍ରିବିଡା, କଂସମୁଣ୍ଡା ଆସି କର୍ମୀଙ୍କ ସହ ଆଲୋଚନା କରିଛନ୍ତି। ନିଜ ନିଜ ଭିତରେ ନ ଲଢି ଭାଜପା ଓ ନବୀନ ସରକାର ବିରୋଧରେ ଲଢିବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବତନ ନଗରପାଳ କେଶବ ଭୂତିଆ, ରାଜକିଶୋର ସାହୁ, ଜିନେଶ ସାହୁ, ମୁକେଶ ଅଗ୍ରୱାଲ, ବିଛନ୍ଦ ସାମଲ, ଫକୀର ସାମଲ, ବାପୁଜୀ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆଜି ମା'ବାୟାଣୀଙ୍କ ବାର୍ଷିକ ପୂଜା

ଛେଣ୍ଡିପଦା,୬।୪(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ପାତ୍ରପଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବାୟାଣୀ ଠାକୁରାଣୀଙ୍କ ବାର୍ଷିକ ପୂଜା ଓ ଯାତ୍ରା ରବିବାର ଅନୁଷ୍ଠିତ ହେବ। ଏଥିପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲା ବାହାରୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟସେବା, ପାନୀୟଜଳ ଓ ଆଲୋକ ବ୍ୟବସ୍ଥା ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡିକୁ ନିୟୋଜିତ କରାଯାଇଛି।




## ଚୋରା କୋଇଲା ଗାଡ଼ିକୁ ଛାଡ଼ି ଦେବାକୁ ମସୁଧା

# ଉଚ୍ଚ ଅଧିକାରୀଙ୍କ ହସ୍ତକ୍ଷେପ ପରେ ମାମଲା

ବଁଆଁରପାଳ, ୬।୪ (ଡି.ଏନ୍.ଏ)



ନାଲକୋ ଥାନା ଅଞ୍ଚଳରୁ ଜବତ ହୋଇଥିବା ଏକ ଚୋରା କୋଇଲା ଗାଡ଼ିକୁ ପୋଲିସ ୩ ଦିନ ହେଲା ଥାନାରେ ରଖିଥିଲା। ହେଲେ ଘଟଣାରେ ମାମଲା ରୁଜୁ ନ କରି କେତେଜଣ ପୋଲିସ ଏହାକୁ ଛାଡିଦେବାକୁ ମସୁଧା ଚଳାଇଥିବା ଖବରପାଇ ଉଚ୍ଚ ଅଧିକାରୀ ଏଥିରେ ହସ୍ତକ୍ଷେପ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣପଡିଛି। ଏହା ପରେ ଥାନାରେ ଏ ସଂକ୍ରାନ୍ତରେ ନଂ. ୫୬/୧୯ରେ ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ, ନାଲ୍‌କୋ ପୋଲିସ କୁରୁଡୁଲୁ ନିକଟରୁ ଏକ ଟ୍ରକ୍ (ଓଆର୍-୦୫ ଡି-୨୮୬୯) ଟ୍ରକ ସହ ପ୍ରାୟ ୧୦ ଟନର ଚୋରା କୋଇଲା ଜବତ କରିଥିଲା। ଏଥିସହ ଟ୍ରକ୍‌କୁ ଥାନାକୁ ଆଣିଥିଲା। ତିନି ଦିନ ଧରି ଥାନାରେ ଟ୍ରକ୍‌ଟିକୁ ରଖାଯାଇଥିଲେ ମଧ୍ୟ କୌଣସି ମାମଲା ରୁଜୁ ହୋଇ ନ ଥିଲା। ପରେ ଏହାକୁ ଛାଡି ଦେବାକୁ କୋଇଲା ମାଫିଆ ଓ ଦଲାଲମାନେ କେତେଜଣ ପୋଲିସ କର୍ମଚାରୀଙ୍କ ସହ ମସୁଧା ଚଳାଇଥିବା ଜଣାପଡିବା ପରେ ଉଚ୍ଚ ଅଧିକାରୀ ଏଥିରେ ହସ୍ତକ୍ଷେପ କରିଥିଲେ। ତେବେ ଘଟଣାରେ ଶୁକ୍ରବାର ରାତିରେ ମାମଲା ରୁଜୁ ହୋଇଥିବା ଅନୁଗୋଳ ଉପଖଣ୍ଡର ଜନୈକ ପୋଲିସ ଉଚ୍ଚ ଅଧିକାରୀ ପ୍ରକାଶ କରିଛନ୍ତି। ଘଟଣାରେ ଟ୍ରକ୍ ଚାଳକ ଫେରାର ହୋଇଯାଇଥିବା ପୋଲିସ କହିଛି।

# ମୁକେଶ ସବୁଠୁ ଧନୀ, ମାମଲାରେ ଅଶୋକ ଆଗରେ

ପାଲଲହଡ଼ା,୬।୪(ଡି.ଏନ.ଏ.)

**ପ୍ରାର୍ଥୀଙ୍କ ସତ୍ୟପାଠ**



ଅଶୋକ ମହାନ୍ତି।



ମୁକେଶ ପାଲ।

ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ମୁକେଶ ପାଲଙ୍କୁ ପ୍ରାର୍ଥୀ କରିଥିବାବେଳେ ଭାଜପା ଆଶୋକ ମହାନ୍ତି ଏବଂ କଂଗ୍ରେସ ସୁବ୍ରତ ଗଡ଼ନାୟକଙ୍କୁ ପ୍ରାର୍ଥୀ କରିଛି। ତେବେ ସେମାନଙ୍କ ମଧ୍ୟରୁ ମୁକେଶ ପାଲ ସବୁଠାରୁ ଧନୀ ପ୍ରାର୍ଥୀ ହୋଇଥିବାବେଳେ ଭାଜପା ପ୍ରାର୍ଥୀ ଆଶୋକ ମହାନ୍ତିଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ରହିଛି ସବୁଠାରୁ ଅଧିକ ମାମଲା। ଏଥିସହିତ ଅଶୋକ ୨ ପ୍ରାର୍ଥୀଙ୍କଠାରୁ ଗରିବ ହୋଇଥିବା ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ରିଟର୍ନିଂ ଅଫିସରଙ୍କ ଠାରେ ଦାଖଲ କରିଥିବା ସତ୍ୟପାଠରୁ ଜଣାପଡିଛି। ସତ୍ୟପାଠ ଅନୁଯାୟୀ, ବିଜେଡି ପ୍ରାର୍ଥୀ ମୁକେଶଙ୍କ ୭୭,୫୦,୫୦୦ ଟଙ୍କାର ସ୍ଥାବର ସମ୍ପତ୍ତି ଥିବାବେଳେ ୭,୩୦,୦୦୦ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ଏଥିସହ ବିଭିନ୍ନ ବ୍ୟାଙ୍କରୁ ୧୩,୫୦,୦୦୦ ଟଙ୍କା ଋଣ କରିଥିବାବେଳେ ତାଙ୍କ ନାମରେ ଗୋଟିଏ ମାମଲା ରହିଥିବା ସେ ସତ୍ୟପାଠରେ ଦର୍ଶାଇଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ଅଶୋକ ମହାନ୍ତିଙ୍କ ୧,୧୪,୦୭୯ ଟଙ୍କାର ସ୍ଥାବର ସମ୍ପତ୍ତି ଥିବାବେଳେ ସେ ୮,୦୦,୦୦୦ଟଙ୍କାର ଅସ୍ଥାବର ସମ୍ପତ୍ତିର ମାଲିକ। ସେହିପରି ଅନୁଗୋଳ ଜିଲାର ବିଭିନ୍ନ ଥାନାରେ ତାଙ୍କ ନାମରେ ୮ ଟି ମାମଲା ଥିବା ଅଶୋକ ତାଙ୍କ ସତ୍ୟପାଠରେ ଦର୍ଶାଇଛନ୍ତି।




## ମୃତ ଶ୍ରମିକଙ୍କ ପରିବାରକୁ ଏମ୍‌ସିଏଲ ଦେବ ସହାୟତା

# କ୍ଷତିପୂରଣ ୧୦ ଲକ୍ଷ, ଶୁଦ୍ଧି ପାଇଁ ମିଳିବ ଲକ୍ଷେ

ତାଳଚେର, ୬।୪(ନି.ପ୍ର.)



ବୈଠକରେ ପ୍ରକଳ୍ପର ଅଧିକାରୀ ଓ ଅନ୍ୟମାନେ।

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ପକ୍ଷରୁ ଏକ୍ସଗ୍ରାସିଆ(କ୍ଷତିପୂରଣ) ପ୍ରଦାନ ନିମନ୍ତେ ଏକ ତ୍ରିପାକ୍ଷିକ ଚୁକ୍ତି ସମ୍ବନ୍ଧୀୟ ବୈଠକ ଅନୁଗୋଳର ଆସିଷ୍ଟାଣ୍ଟ ଲେବର କମିଶନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପର କୌଣସି ଶ୍ରମିକ ଦୁର୍ଘଟଣାରେ ପ୍ରାଣ ହରାଇଲେ ତାଙ୍କ ପରିବାରକୁ ସହାୟତା ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି। ନିଷ୍ପତ୍ତି ଅନୁଯାୟୀ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହ ଶୁଦ୍ଧିକାର୍ଯ୍ୟ ନିମନ୍ତେ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏଥିସହ ପରିବାରର ଜଣଙ୍କୁ ଠିକାଦାରଙ୍କ ନିକଟରେ ନିଯୁକ୍ତି ଦେବାକୁ ସ୍ଥିର କରାଯାଇଛି।

**ପରିବାରର ଜଣଙ୍କୁ ମିଳିବ ନିଯୁକ୍ତି**

ଏହା ଦ୍ୱାରା ଆନ୍ଦୋଳନ, ଧାରଣା, ପ୍ଲାଣ୍ଟ ବନ୍ଦ ଆଦି ସମସ୍ୟାକୁ ପ୍ରତିହତ କରିହେବ ବୋଲି ଏନ୍‌ଟିପିସି ପକ୍ଷରୁ କୁହାଯାଇଛି। ଶ୍ରମିକ ପ୍ରତିନିଧିଭାବେ ଜୟସେନ ମେହେର, ଅରେନ ପାଣି, ବିଭୁଧେନ୍ଦୁ ପ୍ରଧାନ, ଜିତେନ୍ଦ୍ର ମହାନ୍ତି, ଠିକାଦାରଙ୍କ ପକ୍ଷରୁ ବିମଳ ହୋତା, ବିଦ୍ୟାଧର କୁମାର, ଅଜୟ କୁମାର କର, ଦୁଷ୍ମନ୍ତ ସାହୁ, ବିରଞ୍ଚି ନାରାୟଣ ସାହୁ ଏବଂ ଏନ୍‌ଟିପିସି ପକ୍ଷରୁ ଡିଜିଏମ ଜାକିର ଖାନ, ମ୍ୟାନେଜର ଜିତେନ୍ଦ୍ର କୁମାର, ସନ୍ତୋଷ କୁମାର ସାହୁ, ରାମଚନ୍ଦ୍ର ଦେହୁରୀ, ଅନିଲ କୁମାର ସାହୁ, ପ୍ରିୟବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର

ଛେଣ୍ଡିପଦା,୬।୪(ଡି.ଏନ.ଏ.)

ଅନୁଗୋଳ ଜିଲା ଛେଣ୍ଡିପଦା ସରସ୍ୱତୀ ଶିଶୁମନ୍ଦିର ପରିସରରେ ଶିକ୍ଷା ବିକାଶ ସମିତି ପକ୍ଷରୁ ଛେଣ୍ଡିପଦା ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସଙ୍କୁଳ ସଂଯୋଜକ ତଥା ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ବିପିନ ବିହାରୀ ବେହେରା, ମୁଖ୍ୟବକ୍ତା ବିଭାଗ କାର୍ଯ୍ୟକାରିଣୀ ସଦସ୍ୟ ହେମନ୍ତ କୁମାର ଧର, ଅଖିଳ ଭାରତୀୟ ସହ ବୈଦିକ ଗଣିତ ସଂଯୋଜକ ପ୍ରସନ୍ନ କୁମାର ସାହୁ, ସଙ୍କୁଳ ପ୍ରମୁଖ ସନ୍ତୋଷ କୁମାର ସାହୁ ଯୋଗ ଦେଇଥିଲେ। ଶିବିରରେ ଛେଣ୍ଡିପଦା, କୋଶଳା, ଜରପଡା, ବଡକେରେଜାଙ୍ଗ, ମରାଡିରା, ଗଡମଣ୍ଡଳ ଶିଶୁମନ୍ଦିରର ଗୁରୁମାଗୁରୁଜୀମାନେ ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ।






## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା: ୨ ଆହତ

**ପରଜଙ୍ଗ, ୬।୪(ଡି.ଏନ.ଏ.):** ପରଜଙ୍ଗ ଥାନା ୧୪୯ନଂ. ଜାତୀୟ ରାଜପଥର ପରମହଂସପୁର ଛକ ନିକଟରେ ଶନିବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କୁଳେଇ ବଅଁରପାଳ ଗ୍ରାମର ବିଷ୍ଣୁ ଭୂତିଆ (୨୬) ଏବଂ ତାଙ୍କ ଭାଉଜ ଯଶୋଦା ଭୂତିଆ (୩୨)। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଯଶୋଦାଙ୍କୁ ଅନୁଗୋଳ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବିଷ୍ଣୁ ଭାଉଜଙ୍କୁ ନେଇ ତାଳଚେରରୁ ଗ୍ରାମକୁ ଫେରୁଥିବାବେଳେ ଆଗରେ ଯାଉଥିବା ଅନ୍ୟ ଏକ ବାଇକ୍ ପଛରେ ପିଟି ହୋଇଯାଇଥିଲେ।

### ବିସ୍ଫୋରକ ସାମଗ୍ରୀ ଜବତ, ଜଣେ ଗିରଫ

**ଓଡ଼ାପଡ଼ା, ୬।୪(ଡି.ଏନ.ଏ.):** ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା କମଳାଙ୍ଗ ଗ୍ରାମରୁ ଶୁକ୍ରବାର ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ସଞ୍ଜୟ ପ୍ରଧାନଙ୍କୁ ପୋଲିସ ଗିରଫ କରିଛି। ଗ୍ରାମରେ ବିସ୍ଫୋରକ ଥିବା ସୂଚନା ପାଇ ଥାନାଧିକାରୀ ବି.କେ. ହାଇବ୍ରୁ ସଦଳବଳ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୧୧୮ ଆଲୁମିନିୟମ ସୁପରପ୍ଲେନ ଡିଟୋନେଟର, ୧୧ ପାୱାରଜେଲ, ୭.୫ ମିଟର ସେଫ୍ଟି ଫ୍ୟୁଜ୍ ଜବତ କରାଯାଇଛି। ଏ ନେଇ ନଂ. ୨୯/୧୯ ରେ ମାମଲା ରୁଜୁ କରାଯାଇଛି।

**ବନିତା ହତ୍ୟାକାଣ୍ଡ ମାମଲା**

### ଆତ୍ମସମର୍ପଣ କଲେ ଅଭିଯୁକ୍ତ ଦିଅର

**ଭୁବନ, ୬।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ଓଡ଼ଣା ଗ୍ରାମର ବନିତା ହାତୀ ହତ୍ୟାକାଣ୍ଡ ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ମହିଳାଙ୍କ ଦିଅର ଦେବଦତ୍ତ ହାତୀ ଶନିବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହାପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ ସୂଚନା ଦେଇଛନ୍ତି। ଯୌତୁକ ଦାବି କରି ଗତ ମାର୍ଚ୍ଚ ୧୨ରେ ବନିତାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ଘଟଣା ପରଦିନ (୧୩ ମାର୍ଚ୍ଚ)ରେ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ନଂ. ୫୮/୧୯ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ସ୍ୱାମୀ କେଦାର ହାତୀଙ୍କୁ ଗିରଫ କରିଥିଲା। ଦେବଦତ୍ତ ଫେରାର ଥିଲେ। ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ବନିତାଙ୍କ ଦାଦା ଶ୍ୱଶୁର ଫେରାର ଅଛନ୍ତି। ତାଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଥାନାଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ବନିତାଙ୍କ ମୃତ୍ୟୁ ପରେ ତାଙ୍କ ଶ୍ୱଶୁର ହଳଧର ହାତୀ ଢେଙ୍କାନାଳ ରେଳ ଷ୍ଟେଶନ ନିକଟରେ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ତତ୍କାଳୀନ ସମୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା।

# ଫାଇଦାକୁ ନେଇ ଅଙ୍କକଷା

**ଢେଙ୍କାନାଳ ଅଫିସ, ୬।୪**



- ସବୁ ଦଳରେ ବଢ଼ୁଛି ଅସନ୍ତୋଷ
- ଅନ୍ୟ ଦଳକୁ ଡେଇଁବାକୁ ମସୁଧା
- ଚାଲିଛି ଗୁପ୍ତ ମନ୍ତ୍ରଣା, ଆଲୋଚନା

ତାତିକୁ ଖାତିର ନାହିଁ। ନେତାଙ୍କୁ ବାଧୁନି ଝାଞ୍ଜି। ୨୦୧୯ ନିର୍ବାଚନ ବୈତରଣୀ ପାର ହେବାକୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ଚାଲିଛି ରଣନୀତି ପ୍ରସ୍ତୁତି। କର୍ମୀ ସମ୍ମିଳନୀ କରି ଭୋଟରଙ୍କ ନିକଟତର ହେବାକୁ ଅହରହ ଉଦ୍ୟମ ଚଳାଇଛନ୍ତି ପ୍ରାର୍ଥୀ। ଅନ୍ୟପଟେ ପ୍ରତି ଦଳରେ ଅସନ୍ତୁଷ୍ଟ ଆରମ୍ଭ କରିଛନ୍ତି ଶୀତଳ ଯୁଦ୍ଧ। ବ୍ୟକ୍ତିଗତ ଫାଇଦାକୁ ନେଇ ସେମାନେ ଚଳାଇଛନ୍ତି ଅଙ୍କକଷା। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଏବେଠାରୁ ଘାରିଲାଣି ଭବିଷ୍ୟତ ଚିନ୍ତା। ତେଣୁ ସୁବିଧା ଦେଖି ଅନ୍ୟ ଦଳକୁ ଡେଇଁବାକୁ ସୁଯୋଗ ଉଣ୍ଡୁଛନ୍ତି ସେମାନେ। ଏପରି ମାହୋଲ ଏବେ ଢେଙ୍କାନାଳ ବିଧାନସଭା କ୍ଷେତ୍ରର ପାଣିପାଗରେ ଭରିଛି ଉଷ୍ମତା। ଜିଲାର ପାରଦ ୪୦ ଡିଗ୍ରୀ ଛୁଇଁ ସାରିଥିବାବେଳେ ଏହାଠାରୁ ନିର୍ବାଚନୀ ତାତି ଟପିଯାଇଥିବା ଆଲୋଚନା ହେଉଛି।

ପ୍ରାର୍ଥୀପତ୍ର ଯାଞ୍ଚ ପରେ ଶୁକ୍ରବାର ବିଧିବଦ୍ଧ ଭାବେ ପ୍ରକାଶ ପାଇଛି ଚୂଡ଼ାନ୍ତ ତାଲିକା। ଏହାସହ ଅଧିକାଂଶ ରାଜନୈତିକ ଦଳରେ ଗୋଷ୍ଠୀକନ୍ଦଳ ବଢ଼ିବାରେ ଲାଗିଛି। ଅସନ୍ତୁଷ୍ଟ କର୍ମୀ, ନେତା ଏବେ ବିଦ୍ରୋହ ଆରମ୍ଭ କରିଦେଲେଣି। କେଉଁ ଦଳକୁ ଗଲେ କେତେ ଫାଇଦା ମିଳିବ ସେ ନେଇ ଅଙ୍କକଷା ଜୋର ଧରିଛି। ନିର୍ବାଚନ ପୂର୍ବରୁ ଏପରି ଅସନ୍ତୋଷ ସବୁ ଦଳ ପାଇଁ ଚିନ୍ତା ବଢ଼ାଇଛି।

ଭାଜପା ସଙ୍ଗଠନର କେତେଜଣ ଅସନ୍ତୁଷ୍ଟ ଛାମୁଆ ନେତା ଦଳ ଛାଡ଼ିବା ଯୋଜନାରେ ଅଛନ୍ତି। ଏହାର ପ୍ରମୁଖ କାରଣ ଆଗାମୀ ଦିନରେ ହେବାକୁ ଥିବା ପୌର ନିର୍ବାଚନ। ରାଜନୈତିକ ଭବିଷ୍ୟତ ଦୃଷ୍ଟିରୁ ସେମାନେ ଶାସକ ଗୋଷ୍ଠୀରେ ଯୋଗଦେବେ ବୋଲି ଚର୍ଚ୍ଚା ହେଉଛି। ଏହାକୁ ନେଇ ବନ୍ଦ କୋଠରିରେ ଆଲୋଚନା ଆପାତତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ବିଜେଡିରେ ମଧ୍ୟ ଅନୁରୂପ ଅବସ୍ଥା। ଟିକେଟ ବଣ୍ଟନରେ ପୁରୁଖା ନେତାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ଆଣି କେତେଜଣ ବରିଷ୍ଠ କର୍ମୀ ଦଳ ଛାଡ଼ିବାକୁ ସଜବାଜ ହେଉଛନ୍ତି। ଦଳରେ ଅଣଦେଖାର ଶିକାର ହୋଇଥିବା ଭାଜପା ଏବଂ ବିଜେଡି ନେତୃବୃନ୍ଦ ଏବେ କଂଗ୍ରେସ ଶିବିର ଆଡ଼େ ନଜର ପକାଇଛନ୍ତି। ଦିନେ ଦୁଇଦିନ ମଧ୍ୟରେ ସେମାନେ କଂଗ୍ରେସରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷେ ଅନେକ ନେତା ନିଷ୍ପତ୍ତିକୁ ଝୁଲାଇ ରଖିଛନ୍ତି। ସେମାନେ ଚଳିତ ନିର୍ବାଚନରେ ଦଳବିରୋଧୀ କାର୍ଯ୍ୟ କରିପାରନ୍ତି ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ଦଳୀୟ ମଙ୍ଗୁଆଳ। ଏହାକୁ ନେଇ ବିଳମ୍ବିତ ରାତି ଯାଏ ବିଭିନ୍ନ ହୋଟେଲ, କର୍ମୀଙ୍କ ଘରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଉଛି। କିପରି ଅସନ୍ତୁଷ୍ଟଙ୍କୁ ଶାନ୍ତ କରାଯିବ ସେ ନେଇ ସମସ୍ତ ଉଦ୍ୟମ ଜାରି ରଖିଛନ୍ତି ପ୍ରାର୍ଥୀ।

ନିର୍ବାଚନକୁ ଦୁଇ ସପ୍ତାହ ବାକିଥିବାବେଳେ ସୋସିଆଲ ମିଡିଆରେ ପ୍ରଚାର ଜୋର୍ ଧରିଲାଣି। ଯୁବ ଭୋଟରଙ୍କୁ ଅଧିକ ଫୋକସ୍ କରୁଛନ୍ତି ପ୍ରମୁଖ ଦଳ। ଏପ୍ରିଲ ୮ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହେବାପରେ ପ୍ରଚାର ମଇଦାନକୁ ଓହ୍ଲାଇବେ ପ୍ରାର୍ଥୀ। ୨୩ ତାରିଖରେ ମତଦାନ ହେଉଥିବାବେଳେ ୧୬ ତାରିଖ ପରେ ବିଭିନ୍ନ ଦଳର ତୁଙ୍ଗନେତାମାନେ ଜିଲା ଗସ୍ତରେ ଆସିବେ। ଏହାକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି।

**ଅସୁରକ୍ଷିତ ବୃହତ୍ ଉଠାଜଳସେଚନ ପ୍ରକଳ୍ପ**

## ଟ୍ରାନ୍ସଫର୍ମର ଯନ୍ତ୍ରାଂଶ ଲୁଟିନେଲେ

**ପରଜଙ୍ଗ, ୬।୪(ଡି.ଏନ୍.ଏ.)**



ପରଜଙ୍ଗ ବ୍ଲକ କନ୍ଧୁରୁ ଗ୍ରାମ ନିକଟରେ ଥିବା ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଟ୍ରାନ୍ସଫର୍ମରରୁ ଗୁରୁବାର ରାତିରେ ମୂଲ୍ୟବାନ ଯନ୍ତ୍ରାଂଶ ଚୋରି ହୋଇଯାଇଛି। ଏହାପରେ ଏହି ପ୍ରକଳ୍ପର କାର୍ଯ୍ୟକାରିତା ଆଶଙ୍କା ଭିତରକୁ ଚାଲିଯାଇଛି।

ସ୍ୱଳ୍ପବର୍ଷା ଯୋଗୁ ମରୁଡ଼ି ପରିସ୍ଥିତି ଉପୁଜିଲେ ଉକ୍ତ ପ୍ରକଳ୍ପ ଚାଷର ପ୍ରମୁଖ ଉତ୍ସ ଥିଲା। ଏହା ଉପରେ ଅଞ୍ଚଳର ହଜାର ହଜାର ଚାଷୀ ନିର୍ଭର କରୁଥିଲେ। ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ପାଇଁ ଉକ୍ତ ଟ୍ରାନ୍ସଫର୍ମର ବସାଯାଇଥିଲା। ତେବେ ଚଳିତ ବର୍ଷ ଚାଷୀମାନେ ବିଦ୍ୟୁତ୍ ଦେୟ ପୈଠ କରି ନ ଥିବାରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଥିଲା। ଏଥିସହ ଟ୍ରାନ୍ସଫର୍ମରକୁ ଟଣାଯାଇଥିବା ୧୧ କେଭି ତାର ମଧ୍ୟ କାଟି ଦିଆଯାଇଥିଲା। ଏହାର ସୁଯୋଗରେ ଦୁର୍ବୃତ୍ତମାନେ ଅତି ସହଜରେ ୨୫୦ କେଭି କ୍ଷମତା ବିଶିଷ୍ଟ ଉକ୍ତ ଟ୍ରାନ୍ସଫର୍ମର ଖୋଲି ସେଥିରେ ଲାଗିଥିବା ଆଲୁମିନିୟମ କେବୁଲ, ତମ୍ବା ସାମଗ୍ରୀ, ତେଲ, ମୂଲ୍ୟବାନ ଯନ୍ତ୍ରାଂଶ ଏବଂ ଅନ୍ୟ ଉପକରଣ ନେଇଯାଇଛନ୍ତି, ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ।

ମା' କାଳୀ ପାଣିପଞ୍ଚାୟତର ସଭାପତି ସୁଶାନ୍ତ କୁମାର ସାହୁ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏ ନେଇ ଶୁକ୍ରବାର ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଖରାଟିଆ ଚାଷ ପାଇଁ ଚାଷୀ ପ୍ରସ୍ତୁତ ହେଉଥିବାବେଳେ ଟ୍ରାନ୍ସଫର୍ମରରୁ ଚୋରି ସେମାନଙ୍କ ଲାଗି ସମସ୍ୟା ଆଣିଛି। ଏହାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ସ୍କୁଲରୁ କାଟିଦେଲେ ବିଦ୍ୟୁତ୍ ସଂଯୋଗ**

## ଜିଲାପାଳଙ୍କୁ ଫେରାଦ ହେଲା ଏସ୍‌ଏମ୍‌ସି



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ।

**ଢେଙ୍କାନାଳ ଅଫିସ, ୬।୪**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଚାଇଁପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ରମାନେ ବହୁ ସମସ୍ୟା ଭୋଗୁଛନ୍ତି। ଏହାର ପ୍ରତିକାର କରିବା ଦାବି ନେଇ ସ୍କୁଲ ପରିଚାଳନା କମିଟି (ଏସ୍‌ଏମ୍‌ସି) ସଦସ୍ୟ ଶନିବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ବିଦ୍ୟୁତ୍ ବିଲ୍ ବାକିଥିବା ଦର୍ଶାଇ ଗତ ମାର୍ଚ୍ଚ ୧୩ରେ ବିଭାଗ ପକ୍ଷରୁ ସ୍କୁଲରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ଏ ନେଇ ଏସ୍‌ଏମ୍‌ସିକୁ ଆଗୁଆ ସୂଚନା ଦିଆଯାଇ ନ ଥିଲା। ଉକ୍ତ ବକେୟା ୬ ବର୍ଷ ହେଲା ରହିଛି। ବାକିଥିବା ଟଙ୍କା କିସ୍ତି ହିସାବରେ ପ୍ରତି ମାସରେ ଶୁଝିବାକୁ ନିଷ୍ପତ୍ତି ହୋଇଥିଲା। ଏହାପରେ ସ୍କୁଲ କର୍ତ୍ତୃପକ୍ଷ ଟଙ୍କା ପୈଠ କରୁଥିଲେ। ଏହାସତ୍ତ୍ୱେ ବିଦ୍ୟୁତ୍ ସଂଯୋଗ କାଟିଦିଆଯାଇଛି। ବିଦ୍ୟୁତ୍ ସଂଯୋଗ ନ ଥିବାରୁ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଛାତ୍ରୀଛାତ୍ରମାନେ ହନ୍ତସନ୍ତ ହେଉଛନ୍ତି। ବୋରିଂରୁ ପାଣି ଉଠୁ ନ ଥିବାରୁ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଶୌଚାଳୟ ବ୍ୟବହାର କରିବାରେ ପିଲାମାନେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲରେ ନିର୍ବାଚନ ଲାଗି ଦୁଇଟି ବୁଥ୍ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦେବାକୁ ଏସ୍‌ଏମ୍‌ସି ସଦସ୍ୟ ଶିଶିର କୁମାର ସାହୁଙ୍କ ସମେତ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ନେଇ ବିଇଓଙ୍କୁ ମଧ୍ୟ ଅବଗତ କରାଯାଇଛି।

## ଚନ୍ଦ୍ରାଣୀଙ୍କ ନାମାଙ୍କନପତ୍ରକୁ ନେଇ ଚର୍ଚ୍ଚା

**କେନ୍ଦୁଝର, ୬।୪ (ସ୍ୱ.ପ୍ର.)**

ନାମାଙ୍କନ ପତ୍ରରେ ବିଭିନ୍ନ ପ୍ରମାଣପତ୍ରରେ ବାପାଙ୍କ ନାମ ଅଲଗା ଥିବାରୁ ବିଜେଡି ଏମ୍‌ପି ପ୍ରାର୍ଥୀଙ୍କ ପ୍ରାର୍ଥିତ୍ୱକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ବିଜେଡି ଚାପରେ ରିଟର୍ଣ୍ଣିଂ ଅଧିକାରୀ ନାମାଙ୍କନ ପତ୍ରକୁ କାଏମ ରଖିଥିବା ଭାଜପା ପକ୍ଷରୁ ଅଭିଯୋଗ ପରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ଅଭିଯୋଗ ଅନୁଯାୟୀ, ଚନ୍ଦ୍ରାଣୀ ନାମାଙ୍କନପତ୍ରରେ ବାପାଙ୍କ ନାମ ସଞ୍ଜୀବ ମୁର୍ମୁ ଲେଖିଛନ୍ତି। ଭୋଟର ପ୍ରମାଣପତ୍ରରେ ବାପାଙ୍କ ନାମ ସଞ୍ଜୀବ ସିହ୍ନା ରହିଛି। ବ୍ୟାଙ୍କ ଜମାଖାତାରେ ମଧ୍ୟ ବାପାଙ୍କ ନାମ ସଞ୍ଜୀବ ସିହ୍ନା ରହିଛି। ନାମାଙ୍କନ ପତ୍ରରେ ସେ ବି-ଟେକ୍ ଆଇଟିଇଆରରୁ ପାସ କରିଥିବା ଦର୍ଶାଇଛନ୍ତି। ଉକ୍ତ କଲେଜରେ ବାପାଙ୍କ ନାମ କାର୍ତ୍ତିକ ଚରଣ ସୋରେନ ରହିଥିବା କହିଛନ୍ତି। ବାପାଙ୍କ ନାମରେ ତାଳମେଳ ରହୁ ନ ଥିବା ସନ୍ଦେହ ସୃଷ୍ଟି ହୋଇଛି। ରିଟର୍ଣ୍ଣିଂ ଅଫିସର କିପରି ନାମାଙ୍କନ ପତ୍ରକୁ କାଏମ କଲେ ତାହାକୁ ସନ୍ଦେହ କରି ନିର୍ବାଚନ କମିଶନଙ୍କଠାରେ ଅଭିଯୋଗ ହୋଇଛି। ଅନ୍ୟ ପକ୍ଷରେ ତାଙ୍କ ମାମୁଁ ହରମୋହନ ସୋରେନ କହିଛନ୍ତି ଯେ, ତାଙ୍କର ସମସ୍ତ ସ୍କୁଲ ପ୍ରମାଣପତ୍ରରେ ବାପାଙ୍କ ନାମ ସଞ୍ଜୀବ ମୁର୍ମୁ ରହିଛି। କିପରି ସିହ୍ନା ହୋଇଛି ତାହା ତାଙ୍କ ବାପା ଠିକ ଭାବେ କହିପାରିବେ।

## ସମ୍ପତ୍ତିରେ ସୁଧୀର, ଶିକ୍ଷାରେ କୃଷ୍ଣଚନ୍ଦ୍ର ଆଗରେ

**ଢେଙ୍କାନାଳ ଅଫିସ, ୬।୪**

**ଢେଙ୍କାନାଳ ବିଧାନସଭାକ୍ଷେତ୍ର**



ସୁଧୀର କୁମାର ସାମଲ



କୃଷ୍ଣଚନ୍ଦ୍ର ପାତ୍ର



ନବୀନ ନନ୍ଦ

ସାଧାରଣ ନିର୍ବାଚନ ପାଇଁ ସରଗରମ ହୋଇଉଠିଛି ରାଜ୍ୟର ଅନ୍ୟତମ ଚର୍ଚ୍ଚିତ ବିଧାନସଭା କ୍ଷେତ୍ର ଢେଙ୍କାନାଳ। ଚୂଡ଼ାନ୍ତ ତାଲିକା ଘୋଷଣା ପରେ ଏବେ ପ୍ରଚାର ପାଇଁ ପ୍ରସ୍ତୁତି ଚଳାଇଛନ୍ତି ପ୍ରାର୍ଥୀ। ଚଳିତ ନିର୍ବାଚନରେ ମଇଦାନକୁ ଓହ୍ଲାଇଥିବା ଭାଜପା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର, କଂଗ୍ରେସ ପ୍ରାର୍ଥୀ ନବୀନ ନନ୍ଦ ଏବଂ ବିଜେଡି ପ୍ରାର୍ଥୀ ସୁଧୀର ସାମଲ ଟାଣୁଆ ନେତା। ପୂର୍ବରୁ ସମସ୍ତେ ବିଧାୟକ ଭାବେ ନିର୍ବାଚିତ ହୋଇସାରିଛନ୍ତି। ଜିଲାର ଅନ୍ୟତମ କ୍ଷମତା କେନ୍ଦ୍ର କୁହାଯାଉଥିବା ଢେଙ୍କାନାଳ ଆସନ ହାତେଇବା ଏବେ ସମସ୍ତଙ୍କ ଲାଗି ଆତ୍ମସମ୍ମାନର ବିଷୟ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ତୁମୁଳ ପ୍ରତିଦ୍ୱନ୍ଦ୍ୱିତା ହେବା ଏକପ୍ରକାର ନିଶ୍ଚିତ। ଅପରପକ୍ଷେ ନିର୍ବାଚନ ସତ୍ୟପାଠରୁ ସମ୍ପୃକ୍ତ ପ୍ରାର୍ଥୀମାନଙ୍କ ବ୍ୟକ୍ତିଗତ ତଥ୍ୟ ପଦାକୁ ଆସିଛି। ସମ୍ପତ୍ତିରେ ସୁଧୀର ଏବଂ ଶିକ୍ଷାଗତ ଯୋଗ୍ୟତାରେ କୃଷ୍ଣଚନ୍ଦ୍ର ଆଗରେ ରହିଥିବା ଜଣାପଡ଼ିଛି।

୫୫ ବର୍ଷ ବୟସ୍କ ସୁଧୀରଙ୍କ ପାଖରେ ଥିବା ମୋଟ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ହେଉଛି ୨କୋଟି ୪୯ଲକ୍ଷ ୯୦ହଜାର ୮୦୬ ଟଙ୍କା। ତାଙ୍କ ସ୍ଥାବର ସମ୍ପତ୍ତି ୫ କୋଟି ୬୧ଲକ୍ଷ ୫୨ହଜାର ୫୮୨ ଟଙ୍କା। ସେହିପରି ତାଙ୍କ ସ୍ତ୍ରୀ ୩ କୋଟି ୯୭ଲକ୍ଷ ୫୬ହଜାର ୨୪୩ ଟଙ୍କାର ଅସ୍ଥାବର ଏବଂ ୧କୋଟି ୪୫ଲକ୍ଷ ୬ହଜାର ୬୬୬ଟଙ୍କା ସ୍ଥାବର ସମ୍ପତ୍ତିର ଅଧିକାରୀ। ଏହାକୁ ବାଦ୍ ଦେଲେ ତାଙ୍କ ନିକଟରେ ୧କୋଟି ୧ଲକ୍ଷ ୨୦ହଜାର ଟଙ୍କା ମୂଲ୍ୟର ଏକାଧିକ ଚାରିଚକିଆ ଯାନ ରହିଛି। ସୁଧୀର ୧୯୭୯ରେ ଓଡ଼ାପଡ଼ା ବ୍ଲକ ଖଡଗ୍‌ପ୍ରସାଦ ହାଇସ୍କୁଲରେ ମାଟ୍ରିକ ପରୀକ୍ଷା ଦେଇଥିଲେ। ଏଥିରେ ସେ କୃତକାର୍ଯ୍ୟ ହୋଇ ନ ଥିବା ସତ୍ୟପାଠରେ ଦର୍ଶାଇଛନ୍ତି।

କୃଷ୍ଣଚନ୍ଦ୍ରଙ୍କ ନିକଟରେ ୨୦ଲକ୍ଷ ୯୨ହଜାର ୨୩୪ ଟଙ୍କାର ଅସ୍ଥାବର ଏବଂ ୬୨ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ସ୍ତ୍ରୀଙ୍କ ପାଖରେ ୬ଲକ୍ଷ ୮୩ ହଜାର ୪୬୫ ଟଙ୍କାର ଅସ୍ଥାବର ଏବଂ ୪୫ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ଅଛି। ଏହାକୁ ବାଦ୍ ଦେଲେ ତାଙ୍କ ପାଖରେ ଏକ ଚାରିଚକିଆ ଯାନ ରହିଛି, ଯାହାର ମୂଲ୍ୟ ୭ ଲକ୍ଷ ଟଙ୍କା। କୃଷ୍ଣଚନ୍ଦ୍ରଙ୍କ ଶିକ୍ଷାଗତ ଯୋଗ୍ୟତା ଆଇନ୍‌ରେ ସ୍ନାତକ। ସେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ଏମ୍‌ଏସ୍‌ସି କରିବା ପରେ ୧୯୮୮ରେ କଟକସ୍ଥିତ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ଡିଗ୍ରୀ ହାସଲ କରିଛନ୍ତି।

ସେହିପରି ନବୀନ ନନ୍ଦ (୬୦)ଙ୍କ ୫୮ଲକ୍ଷ ୭୯ହଜାର ୭୫୪ ଟଙ୍କାର ଅସ୍ଥାବର ଏବଂ ୪୭ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୩୫ଲକ୍ଷ ୫୬ହଜାର ୫୫୯ ଟଙ୍କା। ନବୀନଙ୍କ ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏଟ୍। ୧୯୭୮ରେ ସେ ଢେଙ୍କାନାଳ କଲେଜରୁ ଯୁକ୍ତ ୩ ପାସ୍ କରିଥିବା ନିର୍ବାଚନୀ ତଥ୍ୟପାଠରେ ଉଲ୍ଲେଖ କରିଛନ୍ତି।

## ୧୮ରୁ ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା



କାର୍ଯ୍ୟକ୍ରମରେ ଅତିଥିମାନେ ବାର୍ଷିକ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

**ଭୁବନ, ୬।୪(ଡି.ଏନ.ଏ.)**

ଭୁବନ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଚଳିତ ମାସ ୧୮ ତାରିଖରୁ ଆରମ୍ଭ ହେବ। ଏହାକୁ ନେଇ ଆରମ୍ଭ ହୋଇଛି ପ୍ରସ୍ତୁତି। ଏ ନେଇ ଶନିବାର ସ୍ଥାନୀୟ ହନୁମାନ ଛକରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିର ପରିଚାଳନା କମିଟି ସଭାପତି ଶଶିଭୂଷଣ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ କୁଞ୍ଜବିହାରୀ ଚିନ୍ନାରା, କୋଷାଧ୍ୟକ୍ଷ ନରୋତ୍ତମ ସାହୁ, ଉପଦେଷ୍ଟା ଦିଲୀପ କୁମାର ଦାସ, ନିରଞ୍ଜନ ଗୁରୁ, ଖଗେଶ୍ୱର ନାୟକ, ପଣ୍ଡିତ ପୋଥାଳ, ନାରାୟଣ ପୋଥାଳ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଚଳିତବର୍ଷ ମା'ଙ୍କ ଯାତ୍ରାକୁ ଆଡ଼ମ୍ବରରେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ଯାତ୍ରା ୩୦ ତାରିଖରେ ଶେଷ ହେବ। ଅଞ୍ଚଳର କଳାକାରଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ଧନେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମା' ହିଙ୍ଗୁଳା ବାର୍ଷିକ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

**ବ୍ରାହ୍ମଣୀ ଅବବାହିକାରେ ଶତାଧିକ ବେଆଇନ ଇଟାଭାଟି**

# କାଟିଦେଲେଣି ନଦୀହୁଡ଼ା

**ନିଗମାନନ୍ଦ ଦଳବହେରା**
**ପରଜଙ୍ଗ, ୬।୪**



ବ୍ରାହ୍ମଣୀ ନଦୀ କୂଳରେ ଗଢ଼ିଉଠିଥିବା ଇଟାଭାଟି।

- ଚୋରା କୋଇଲା ବ୍ୟବହାର
- ବଢ଼ୁଛି ପ୍ରଦୂଷଣ, ତାପମାତ୍ରା
- ଚେଇଁ ଶୋଇଛି ପ୍ରଶାସନ

ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପରିବେଶ ଆଇନ ଏବଂ ରାଜସ୍ୱ ବିଭାଗ ଆଇନକୁ ଅଣଦେଖା କରି ପରଜଙ୍ଗ ତହସିଲ ଅଞ୍ଚଳରେ ଗଢ଼ି ଉଠିଛି ଶତାଧିକ ଇଟାଭାଟି। ଇଟା ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ଏବେ ପଡ଼ିଛି ବ୍ରାହ୍ମଣୀ ଅବବାହିକା, ନଦୀହୁଡ଼ା ଉପରେ। ସ୍ୱଷ୍ଟ ଦିବାଲୋକରେ ନିୟମ ଉଲ୍ଲଂଘନ କରି ଏପରି କାର୍ଯ୍ୟ ଚାଲିଥିବାବେଳେ ପ୍ରଶାସନ ନିଘୋଡ଼ ନିଦରେ ଶୋଇଛି। ଅଞ୍ଚଳବାସୀ ପ୍ରଦୂଷଣ ଏବଂ ତାପମାତ୍ରା ବୃଦ୍ଧିରେ ସନ୍ତୁଳି ହେଉଥିବାବେଳେ ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ବ୍ରାହ୍ମଣୀ ନଦୀକୂଳରୁ ୫ଶହ ମିଟର ବ୍ୟବଧାନ ମଧ୍ୟରେ କୌଣସି ବ୍ୟକ୍ତିଗତ ନିର୍ମାଣ କିମ୍ବା ଇଟାଭାଟି କରାଯିବନାହିଁ ବୋଲି କଡ଼ା ଆଇନ ରହିଛି। ହେଲେ ଏହି ନିୟମକୁ ଜଗିବାକୁ କେହିନାହିଁ। ଏ ନେଇ ପୂର୍ବରୁ ବହୁବାର ଜିଲାପାଳଙ୍କ ଜନଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ ମଧ୍ୟ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଏହାକୁ ରୋକିବା ଦିଗରେ କୌଣସି ପଦକ୍ଷେପ ନିଆଗଲାନାହିଁ। ଫଳରେ ଦିନକୁ ଦିନ ଇଟାଭାଟି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏବେ ଆନୁମାନିକ ୫୦୦ରୁ ଊର୍ଦ୍ଧ୍ୱ ଇଟାଭାଟି ତହସିଲ ଅଞ୍ଚଳରେ ରହିଛି। ବିଭାଗର ଅସାଧୁ କର୍ମଚାରୀଙ୍କୁ ଇଟାଭାଟି ମାଲିକ ହାତବାରିସି କରି ଦୀର୍ଘଦିନ ଧରି ଏପରି କାର୍ଯ୍ୟ କରିଚାଲିଛନ୍ତି। ଏହାଦ୍ୱାରା ଲକ୍ଷାଧିକ ଟଙ୍କା ରାଜସ୍ୱ କ୍ଷତି ହେଉଛି।

ଖାଲପାଳ ଏବଂ କମର ନିକଟ ବ୍ରାହ୍ମଣୀ ନଦୀ କୂଳ, ମଝିକା ସମେତ ପରଜଙ୍ଗ, ସାଆନ୍ଦା, କନ୍ଦରସିଂହା, କୁଆଲୋ, ମୁକ୍ତାପଶି ରାଜସ୍ୱ ସର୍କଲ ଅଧୀନ ଜନବସତି ନିକଟରେ ଏପରି ଶତାଧିକ ଇଟାଭାଟି ଗଢ଼ିଉଠିଛି। ଉକ୍ତ ଇଟାଭାଟିଗୁଡ଼ିକରେ ଚୋରା କୋଇଲା ବ୍ୟବହାର ହେଉଛି। ଦିନରାତି ଇଟା ପୋଡ଼ାଯାଉଥିବାରୁ ଅଞ୍ଚଳର ତାପମାତ୍ରା, ପ୍ରଦୂଷଣ ବଢ଼ିବାରେ ଲାଗିଛି। ନଦୀହୁଡ଼ା କଟାଯାଇ ଇଟା ପ୍ରସ୍ତୁତ କରାଯାଉଥିବାରୁ ବର୍ଷାଦିନେ ନଦୀ କୂଳ ଲଂଘିବା ଆଶଙ୍କା ମଧ୍ୟ ଦେଖାଦେଇଛି।

ଏ ନେଇ କନ୍ଦରସିଂହା ଆର୍‌ଆଇ ଚନ୍ଦନ କୁମାର ଦାସଙ୍କୁ ପଚାରିବାରୁ ସେ ନିଜର ଅସହାୟତା ପ୍ରକାଶ କରିଥିଲେ। ଇଟା ଭାଟି ମାଲିକଙ୍କୁ ବାରଣ କରାଯିବା ସତ୍ତ୍ୱେ ସେମାନେ ଶୁଣୁନାହାନ୍ତି। ଜୋରଜବରଦସ୍ତ ନଦୀପଠା କାଟି ଇଟା ତିଆରି କରୁଥିବା ସେ ସ୍ୱୀକାର କରିଛନ୍ତି। ଏ ନେଇ ତହସିଲଦାର ଜୟନ୍ତ କୁମାର ଜୟସିଂ କୁହନ୍ତି, ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବେଆଇନ ଇଟାଭାଟି ଉପରେ ଖୁବ୍‌ଶୀଘ୍ର ଚଢ଼ାଉ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ସାପ୍ତାହିକ କାର୍ଯ୍ୟକ୍ରମ

୭।୪।୧୯
**ଅନୁଗୋଳ**
▶ ଭାଗବତ କଥାମୃତର ଉଦ୍‌ଯାପନୀ ଉତ୍ସବ
ସ୍ଥାନ– ମଝିକା ଶିବ ମନ୍ଦିର
ସମୟ– ସନ୍ଧ୍ୟା ୬.୩୦ ମିନିଟ।
▶ ବିଶ୍ୱ ସ୍ୱାସ୍ଥ୍ୟ ଦିବସ
ସ୍ଥାନ– ଜିଲା ମୁଖ୍ୟ ଚିକିତ୍ସାଳୟ
ସମୟ– ପୂର୍ବାହ୍ନ ୧୦ଟା ।
୧୧।୪।୧୯
**ଅନୁଗୋଳ**
▶ ସପ୍ତମ ବସନ୍ତକାଳୀନ ଦୁର୍ଗା ଉତ୍ସବ
ସ୍ଥାନ– ହୁଲୁରିସିଂହା
ସମୟ– ଅପରାହ୍ନ ୩ଟା ୩୨ ମିନିଟ୍ ।
▶ ତ୍ରୟୋଦଶ ବାର୍ଷିକ ବାସନ୍ତୀ ଦୁର୍ଗା ଉତ୍ସବ।
ସ୍ଥାନ– ଅମଲାପଡ଼ା
ସମୟ– ଅପରାହ୍ନ ୪ ଟା୨୫ ମିନିଟ୍

## ସଂକ୍ଷେପରେ

### ମୁଣ୍ଡରେ କାଠ ବାଜି ବୃଦ୍ଧା ମୃତ

ଅନୁଗୋଳ ଅଫିସ, ୬।୪- ରୋଷେଇ ପାଇଁ କାଠ ହାଣୁଥିବାବେଳେ ଏକ କାଠ ମୁଣ୍ଡରେ ବାଜି ଅନୁଗୋଳ କରଡ଼ାଗାଡ଼ିଆର ରାଣୀ ଦାସ(୬୨)ଙ୍କ ଶନିବାର ମୃତ୍ୟୁ ଘଟିଥିବା ଜଣାପଡିଛି। ଚେତାଶୂନ୍ୟ ଅବସ୍ଥାରେ ପରିବାର ଲୋକ ତାଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏ ନେଇ ପୋଲିସ ନଂ. ୫୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ୧ ଲକ୍ଷ ୧୨ ହଜାର ଟଙ୍କା ଜବତ

**ଭଦ୍ରକ ଅଫିସ, ୬।୪:** ସାଧାରଣ ନିର୍ବାଚନ ପାଇଁ ଗଠନ କରାଯାଇଥିବା ଷ୍ଟାଟିକ ସର୍ଭିଲାନ୍ସ ଟିମ୍ ଶନିବାର ମଧ୍ୟାହ୍ନରେ ଭଦ୍ରକ ରାଣୀତାଲ ନିକଟରୁ ଏକ ଇନୋଭା ଗାଡ଼ିରୁ ୧ ଲକ୍ଷ ୧୨ ହଜାର ଟଙ୍କା ଜବତ କରିଛି। ଏହି ଟଙ୍କା କେଉଁ କାରଣ ପାଇଁ ନିଆଯାଉଥିଲା ସେନେଇ ତଦନ୍ତ କରାଯାଉଥିବା ଜିଲାପାଳ ଜ୍ଞାନରଞ୍ଜନ ଦାସ କହିଛନ୍ତି। ଅନ୍ୟପକ୍ଷେ ଉକ୍ତ ଟଙ୍କା ଅନୁଗୋଳ ଅଞ୍ଚଳର ଜଣେ ବ୍ୟବସାୟୀ ଭଦ୍ରକର କେତେକ ଦୋକାନୀଙ୍କଠାରୁ ବକେୟା ସଂଗ୍ରହ କରି ଫେରୁଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିବା ଗ୍ରାମାଞ୍ଚଳ ଥାନାଧିକାରୀ ସୂଚନା ଦେଇଛନ୍ତି। ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଛନ୍ତି।

### ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଅପହୃତାଙ୍କ ପରିବାର

ତିହିଡ଼ି, ୬।୪ (ଡି.ଏନ୍.ଏ.)
ଭଦ୍ରକ ଜିଲା ତିହିଡ଼ି ଥାନା ଅଞ୍ଚଳର ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ମାସେ ବିତିବାକୁ ବସିଥିବା ବେଳେ ପୋଲିସ ଛାତ୍ରୀଙ୍କୁ ଉଦ୍ଧାର କରିପାରି ନାହିଁ। ଅପହୃତା ଛାତ୍ରୀଙ୍କ ମା' ବାପା ଶୁକ୍ରବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ଏ ସମ୍ପର୍କରେ ଜଣାଇଛନ୍ତି। ତାଙ୍କ ଝିଅକୁ ଉଦ୍ଧାର କରାଯିବା ସହ ଅପହରଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ନିବେଦନ କରିଛନ୍ତି। ପ୍ରକାଶ ଯେ, ଗତ ମାସ ୧୦ ତାରିଖରେ ଛାତ୍ରୀ ଜଣଙ୍କ ପରୀକ୍ଷା ଦେବାକୁ ଯାଇ ଘରକୁ ଫେରି ନ ଥିଲେ। ପରେ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ କଣ୍ଟପଡ଼ା ଗ୍ରାମର ନୀଳମଣି ମଲିକ ଝିଅକୁ ଅପହରଣ କରି ନେଇଥିବା ଛାତ୍ରୀଙ୍କ ବାପା ଜାଣିବାକୁ ପାଇଥିଲେ। ଗତ ମାସ ୧୫ ତାରିଖରେ ସେ ଏନେଇ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୩/୧୯ରେ ରୁଜୁ କରି କରିଥିଲା।

### ମହିଳାଙ୍କଠାରୁ ୨୦ ହଜାର ଲୁଟ୍

ଭଦ୍ରକ ଅଫିସ, ୬।୪
ଭଦ୍ରକ କଚେରି ବଜାର ଫଳ ମାର୍କେଟ ଗଳି ରାସ୍ତାରେ ଶୁକ୍ରବାର ଅପରାହ୍ନରେ ଜଣେ ମହିଳାଙ୍କ ବ୍ୟାଗ୍‌କୁ ବ୍ଲେଡ୍ ମାରି ପ୍ରାୟ ୨୦ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିବା ଅଭିଯୋଗ ହୋଇଛି। ମହିଳା ଜଣଙ୍କ ଏକ ଘରୋଇ ଫାଇନାନ୍ସ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ମହିଳା ଗ୍ରୁପ୍‌ମାନଙ୍କଠାରୁ ଟଙ୍କା କଲେକ୍ସନ କରି ଫଳ ମାର୍କେଟ ଦେଇ ଚାଲି ଚାଲି ଯାଉଥିଲେ। ପୂର୍ବରୁ ପିଛା କରି ଆସୁଥିବା ଦୁର୍ବୃତ୍ତମାନେ ତାଙ୍କ ଭ୍ୟାନିଟ୍ ବ୍ୟାଗ୍‌କୁ ଚତୁରତାର ସହ ବ୍ଲେଡ ମାରି ୩ଟି ଟଙ୍କା ପ୍ୟାକେଟ ମଧ୍ୟରୁ ଗୋଟିଏ ଝାମ୍ପି ନେଇଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କଠାରୁ ସମସ୍ତ ତଥ୍ୟ ସଂଗ୍ରହ କରି ତଦନ୍ତ ଚଳାଇଛି।

---

■ ୫୫ ନଂ. ଜାତୀୟ ରାଜପଥ ମରଣଯନ୍ତା

# ୬ ମାସରେ ୨ ଶହରୁ ଊର୍ଦ୍ଧ୍ୱ ଦୁର୍ଘଟଣା

**ବଅଁରପାଳ, ୬।୪ (ଡି.ଏନ୍.ଏ)**


ଜାତୀୟ ରାଜପଥ ନାଲ୍‌କୋଠାରେ ଖାଲଖମା ହୋଇଛି।

୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ସହର ଠାରୁ ଭୂଷଣ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାରେ ଅନେକ ସ୍ଥାନରେ ଖାଲଖମା ସହ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ଏଥିଯୋଗୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ବିଗତ ୬ ମାସ ମଧ୍ୟରେ ଏଠାରେ ୨ ଶହରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟିଥିବା ଜଣାପଡିଛି। ଏହା ସତ୍ତ୍ୱେ ରାଜପଥ ମରାମତି କରାଯାଉ ନ ଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ରାଜପଥରେ ସୃଷ୍ଟ ଖାଲଖମାରେ ବିଶେଷ କରି ବାଇକ ଚାଳକମାନେ ଅଧିକ ମାତ୍ରାରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଅନୁଗୋଳ ସହର, ତୁରଙ୍ଗ ଛକ, ପିଟିସି ଛକ, କାଣ୍ଡସର କାର୍ଗିଲ ଟାଙ୍କି, କାଣ୍ଡସର ପେଟ୍ରୋଲ ପମ୍ପ, ଟାଉନଶିପ ଛକ, ଏଫ୍‌ସିଆଇ ଛକ, କୁଲାଡ଼ ଆଲୁମିନିୟମ ହାଇସ୍କୁଲ, କୁଲାଡ଼ ଛକ, ସିପିପି ଛକ, ବଅଁରପାଳ ଛକ, ନୂଆହଟା ଛକ, ଭୂଷଣ ଛକ ଆଦି ବିଭିନ୍ନ ସ୍ଥାନରେ ବଡ ବଡ ଖାଲ ହୋଇଛି। ରାତିରେ ଖାଲ ଖମା ଜାଣି ହେଉ ନ ଥିବାରୁ ସେଠାରେ ଦୁର୍ଘଟଣା ଅଧିକ ମାତ୍ରାରେ ହେଉଛି। ଗତ ବର୍ଷ ବର୍ଷା ଦିନରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ତାଳି ପକାଯାଇ ମରାମତି କରାଯାଇଥିଲା। ସେହି ଦିନଠାରୁ ଆଉ ରାସ୍ତାର ମରାମତି କରାଯାଇ ନାହିଁ। ଫଳରେ ଏହାର ଅବସ୍ଥା ଶୋଚନୀୟ ହେବାରେ ଲାଗିଛି। ଅନେକ ସ୍ଥାନରୁ ପିଚୁ ଉଠିଯିବା ସହ ମେଣ୍ଟାଲ ମଧ୍ୟ ବାହାରକୁ ବାହାରି ଆସିଲାଣି। ଫଳରେ ଏଠାରେ ଯାତାୟାତ କରିବା ବିପଦଜନକ ହୋଇପଡୁଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାର ଉନ୍ନତୀକରଣ କରିବାକୁ ସାଧାରଣରେ ଦାବି ହୋଇଛି।

---

# ପ୍ରଶିକ୍ଷଣ ନେଲେ ଆଚାର୍ଯ୍ୟାଆଚାର୍ଯ୍ୟ

**ବଇଣ୍ଡା,୬।୪(ଡି.ଏନ.ଏ)**

କିଶୋରନଗର ବ୍ଲକ ବଇଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଚାଲିଥିବା ସଙ୍କୁଳସ୍ତରୀୟ ଆଚାର୍ଯ୍ୟା ଓ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦଯାପିତ ହୋଇଛି। କିଶୋରନଗର କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବଇଣ୍ଡା, ଆଠମଲ୍ଲିକ, ମାଧପୁର, ଠାକୁରଗଡ଼, ପାଇକସାହି, ଅନ୍ଧୁଲିଆ, ରଣିଆକଟା, ନାକିଚି, ବାମୁର ଆଦି ୯ଟି ଶିଶୁ ମନ୍ଦିରର ୧୩୦ ଆଚାର୍ଯ୍ୟା ଓ ଆଚାର୍ଯ୍ୟ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସହ ଶୈକ୍ଷିକ ପ୍ରମୁଖ ପ୍ରସନ୍ନ ବିଶ୍ୱାଳ, ସଙ୍କୁଳ ପ୍ରମୁଖ ନିରଞ୍ଜନ ଦାସ, ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନା, ଅବସରପ୍ରାପ୍ତ କୃଷି ଅଧିକାରୀ ଗୁଣନିଧି ପ୍ରଧାନ, ପରିକ୍ଷିତ ସାହୁ, ପ୍ରଣୟ ଦେହୁରି ପ୍ରମୁଖ ଯୋଗଦେଇ ଶିଶୁଙ୍କୁ ଠିକ୍ ଭାବେ ଶିକ୍ଷାଦାନ କରିବାରେ ଆଚାର୍ଯ୍ୟାଆଚାର୍ଯ୍ୟଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ଜ୍ୟୋତ୍ସ୍ନାମୟୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିନିତା ପ୍ରଧାନ ସଂଯୋଜନା କରିଥିଲେ। ମିନାକ୍ଷୀ ପ୍ରଧାନ, ସୁମତି ରାଣି ପ୍ରଧାନ, ଅନ୍ନପୂର୍ଣ୍ଣା ରାଉତ, ବାପୁଜୀ ଦେହୁରି, ପ୍ରକାଶ ଚନ୍ଦ୍ର ସେଠୀ ସହଯୋଗ କରିଥିଲେ।

---

■ନାଲ୍‌କୋ ଟ୍ରେନ ଲାଇନ୍‌ରୁ ଯୁବକଙ୍କ ମୃତଦେହ ଉଦ୍ଧାର

# କ୍ଷତିପୂରଣ ଦାବିରେ ଆନ୍ଦୋଳନ


ଦୁର୍ଘଟଣାସ୍ଥଳରେ ଲୋକମାନଙ୍କ ଭିଡ଼।

**ବଅଁରପାଳ, ୬।୪ (ଡି.ଏନ୍.ଏ)**

ବଅଁରପାଳ ଥାନା ଗୋତମରା ହାଟସାହି ନିକଟରେ ନାଲ୍‌କୋ ରେଳ ଧାରଣା ପାର୍ଶ୍ୱରୁ ଶନିବାର ଭୋର ସମୟରେ ଗୋତମରା ଗ୍ରାମର ରାଜେଶ ବିଶ୍ୱାଳ(୨୦)ଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ଘଟଣାସ୍ଥଳରୁ ପୋଲିସ ତାଙ୍କ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରେଳ ଧାରଣାରେ ଆନ୍ଦୋଳନ କରିଥିଲେ।

ଘଟଣାରୁ ପ୍ରକାଶ, ରାଜେଶ ଶୁକ୍ରବାର ରାତିରେ ଘରୁ କେଉଁଆଡେ ଯାଇଥିଲେ। ସେ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଫୋନ କରିବା ସହ ଚାରିଆଡେ ଖୋଜାଖୋଜି କରିଥିଲେ। ସକାଳେ ଟ୍ରେନ ଲାଇନ ନିକଟରେ ରାଜେଶଙ୍କ ମୃତଦେହ ପଡିଥିବା ଜଣାପଡିଥିଲା। ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଥିବାବେଳେ ପରିବାର ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଦୀର୍ଘ ସମୟ ଧରି ସେଠାରେ ଆନ୍ଦୋଳନ କରିଥିଲେ। ଘଟଣାସ୍ଥଳରେ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା, ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଜେଡି ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ସିଂହ ସୁବାସ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ସୁଅ ଛୁଟିଥିଲା। ଅପରାହ୍ନରେ ଆନ୍ଦୋଳନକାରୀ, ପୋଲିସ ଓ ନାଲ୍‌କୋ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ, ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଆଦି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

---

# ଭାଜପାରେ ମିଶିଲେ ତାଳଚେର ବ୍ଲକ ବିଜେଡି ସଭାପତି


ବିଜେଡି ଛାଡି ଭାଜପାରେ ଯୋଗଦେଇଥିବା କର୍ମୀମାନେ।

**ତାଳଚେର, ୬।୪(ଡି.ଏନ.ଏ.)**

ତାଳଚେର ବ୍ଲକ ବିଜେଡି ସଭାପତି ନିରଞ୍ଜନ ପ୍ରଧାନ ଭାଜପାରେ ଯୋଗ ଦେଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱର ସ୍ଥିତ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ତାଙ୍କ ସହ ୧୯ ନମ୍ବର ଜିଲା ପରିଷଦ ସଦସ୍ୟା ଅନୁପମା ପ୍ରଧାନ, ପୂର୍ବତନ ତାଳଚେର ବ୍ଲକ ଅଧ୍ୟକ୍ଷ ବିଜେଡି ଛେଣ୍ଡିପଦା ପର୍ଯ୍ୟବେକ୍ଷକ ଇଂ ମାନସ ରଞ୍ଜନ ଆଚାର୍ଯ୍ୟ, ବ୍ଲକ ସାଧାରଣ ସମ୍ପାଦକ ବିଜୟ ବିଶ୍ୱାଳ, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷା ସୁକେସିନୀ ବେହେରା, ପୂର୍ବତନ ବିଧାୟକ ପ୍ରାର୍ଥୀ, ଶ୍ରମିକ ନେତା ତଥା ବରିଷ୍ଠ ବିଜେଡି ନେତା ଅକ୍ରୁର ସାହୁ, ବିଜେଡି ନେତା କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ବରିଷ୍ଠ କଂଗ୍ରେସ ନେତା ତଥା ଆଇଜୀବୀ ରାହାସ ଜେନା, ପୂର୍ବତନ ସମିତି ସଭ୍ୟ ତଥା ବିଜେଡି ନେତା ମନମୋହନ ନାୟକ, ଗୁଲୁ ପରିଡ଼ା, ହରିଗୋବିନ୍ଦ ସିଂଙ୍କ ସମେତ ୪୨୭ କାର୍ଯ୍ୟକର୍ତ୍ତା ଭାଜପାରେ ଯୋଗ ଦେଇଥିଲେ। ତାଳଚେର ବିଧାୟକଙ୍କ କାର୍ଯ୍ୟଧାରାରେ ଅତିଷ୍ଠ ହୋଇ ସେମାନେ ବିଜେଡି ଛାଡିଥିବା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗ ଦେଇଥିବା କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବରିଷ୍ଠ ଭାଜପା ନେତା ବିଶ୍ୱଭୂଷଣ ହରିଚନ୍ଦନ, ସମୀର ମହାନ୍ତି, ଲେଖାଶ୍ରୀ ସାମନ୍ତ ସିଂହାର, ଯତୀନ ମହାନ୍ତି, ପୀତାମ୍ବର ଆଚାର୍ଯ୍ୟ, ପ୍ରଭାତି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

---

# ହିନ୍ଦୁ ନବବର୍ଷ ପାଳିତ

**ତାଳଚେର, ୬।୪(ନି.ପ୍ର.)**

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ମନ୍ଦିରରେ ହିନ୍ଦୁ ନବ ବର୍ଷ ପାଳିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ଚତୁର୍ଭୁଜ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ପରିଚାଳନା ସମିତିର ଉପ–ସଭାପତି ଭୀମସେନ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଆଚାର୍ଯ୍ୟ ମଳୟ ଦାସ ହିନ୍ଦୁ ନବ ବର୍ଷ ପାଳନ କରିବାର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯାଇଥିଲା । ଆଚାର୍ଯ୍ୟା ଜ୍ୟୋତିର୍ମୟୀ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁମୁଦ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମାଗୁରୁଜୀ ସହଯୋଗ କରିଥିଲେ।


ହିନ୍ଦୁ ନବବର୍ଷ ପାଳନ ଅବସରରେ ଛାତ୍ରୀଛାତ୍ରମାନେ।

---

# ବିଦ୍ୟୁତ୍ କାଟକୁ ନେଇ ସେସୁ କାର୍ଯ୍ୟାଳୟ ଘେରାଉ

**ବଇଣ୍ଡା,୬।୪(ଡି.ଏନ.ଏ.)**

**ଉତ୍ତେଜନା ପରେ ଅନ୍ୟ ପଞ୍ଚାୟତକୁ ବି ଲାଇନ କାଟିଦେଲେ**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ନିକଟସ୍ଥ ୯ଟି ପଞ୍ଚାୟତରେ ହେଉଥିବା ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ଶୁକ୍ରବାର ରାତିରେ ମଇମୁରା ଓ କନ୍ତପଡ଼ା ଅଞ୍ଚଳରୁ କେତେକ ଯୁବ ଗୋଷ୍ଠୀ ଏହାକୁ ବିରୋଧ କରି ଆନନ୍ଦପୁରଠାରେ ଥିବା ସେସୁ କାର୍ଯ୍ୟାଳୟକୁ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା।

ଘଟଣାରୁ ଜଣାପଡ଼ିଛି, କନ୍ତପଡ଼ା ଓ ମଇମୁରା ପଞ୍ଚାୟତରେ ହାତୀ ଚଳପ୍ରଚଳ ଯୋଗୁ କିଛି ଦିନ ହେବ ରାତି ୧୦ଟା ପରେ ବିଦ୍ୟୁତ୍ ବିଚ୍ଛିନ୍ନ କରିଦିଆଉଛି। ପ୍ରବଳ ଗରମ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବାବେଳେ ଶୁକ୍ରବାର ରାତି ୧୦ଟାରୁ କନ୍ତପଡ଼ା ଓ ମଇମୁରା ପଞ୍ଚାୟତ ଅଞ୍ଚଳକୁ ବିଦ୍ୟୁତ୍ ସରବରାହ କାଟି ଦିଆଯାଇଥିଲା। ଏହାକୁ ବିରୋଧ କରି ୨୦ରୁ ଊର୍ଦ୍ଧ୍ୱ ଯୁବକ ଆନନ୍ଦପୁର ସେସୁ କାର୍ଯ୍ୟାଳୟକୁ ଯାଇ କର୍ମଚାରୀଙ୍କୁ ଏ ସମ୍ପର୍କରେ ପଚାରି ବୁଝିଥିଲେ। ଉପର ଅଧିକାରୀଙ୍କ ପକ୍ଷରୁ ହାତୀ ପାଇଁ ବିଦ୍ୟୁତ୍ କାଟ କରିବାକୁ ନିର୍ଦ୍ଦେଶ ଆସୁଥିବା ସେମାନେ କହିବା ପରେ ଉପସ୍ଥିତ ଯୁବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଅନ୍ୟ ପଞ୍ଚାୟତଗୁଡିକରେ ବିଦ୍ୟୁତ୍ ସରବରାହ ଚାଲିଥିବାବେଳେ କାହିଁକି ସେହି ସମୟରେ ସେମାନଙ୍କ ପଞ୍ଚାୟତରେ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଉଛି ବୋଲି ପ୍ରଶ୍ନ କରିବା ସହ ସେଠାରେ ଯୁବକମାନେ ହୋହଲ୍ଲା କରିଥିଲେ। ଏହା ପରେ ବିଦ୍ୟୁତ୍ କର୍ମଚାରୀମାନେ କନ୍ତପଡ଼ା, ମଇମୁରା ସହ ଠାକୁରଗଡ଼, ଆମ୍ବଶରମୁଣ୍ଡା, କୁର୍ତ୍ତିବାସପୁର, ପାଇକସାହି ଆଦି ପଞ୍ଚାୟତରେ ମଧ୍ୟ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିବା ଅଭିଯୋଗ ହୋଇଛି। ବିଦ୍ୟୁତ ବିଭାଗର ଏଭଳି କାର୍ଯ୍ୟକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ତୁରନ୍ତ ଏହାର ଏକ ସ୍ଥାୟୀ ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବଇଣ୍ଡା ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ମାଝିଙ୍କୁ ପଚାରିବାରେ ସେ କୌଣସି ମନ୍ତବ୍ୟ ନ ଦେଇ ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

---

■ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ଜରପଡା ବନାଞ୍ଚଳ ଗସ୍ତ

# ଆମ ଜଙ୍ଗଲ ଯୋଜନା ଅଗ୍ରଗତି ଦେଖିଲେ

**ଛେଣ୍ଡିପଦା, ୬।୪(ଡି.ଏନ.ଏ.)**


ସମୀକ୍ଷା କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମିତି ସଦସ୍ୟାସଦସ୍ୟ ଓ ଅନ୍ୟମାନେ।

ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଅଭୟକାନ୍ତ ପାଠକ ଶନିବାର ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଜରପଡା ବନାଞ୍ଚଳ ଅଧୀନ ଦୁର୍ଗାପୁର ପାଣସାହି ବନ ସୁରକ୍ଷା ସମିତିକୁ ଦିନିକିଆ ଗସ୍ତରେ ଆସିଥିଲେ। ଏହି ଅବସରରେ ଜଙ୍ଗଲ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ସମସ୍ତ ସରକାରୀ ଯୋଜନା ଅଗ୍ରଗତି ଏବଂ ଏହାର ସଫଳତା ସମ୍ପର୍କରେ ସମୀକ୍ଷା କରିଥିଲେ। ବିଶେଷ କରି ଆମ ଜଙ୍ଗଲ ଯୋଜନାର କାର୍ଯ୍ୟକାରିତା ଉପରେ ସମିତି ସଦସ୍ୟାସଦସ୍ୟ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଆଲୋଚନା କରିଥିଲେ। ଏହି ଯୋଜନା ମାଧ୍ୟମରେ ଚଳିତ ଆର୍ଥିକ ବର୍ଷ ମାର୍ଚ୍ଚ ମାସ ମଧ୍ୟରେ ପ୍ରାୟ ୫୦ ହେକ୍ଟର ଜଙ୍ଗଲ ଜାଗାରେ ଲଟାବୁଦା, ଅନାବନା ଗଛ ସଫା କରାଯିବା, ମୃତ୍ତିକା କ୍ଷୟ ରୋକିବା ପାଇଁ ପଥରବନ୍ଧ ନିର୍ମାଣ, ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ପାଇଁ ଫାୟାର ଲାଇନ ତିଆରି କାମ ଆଦି ବାବଦରେ ପଚାରି ବୁଝିଥିଲେ। ସେହିପରି ଭିଏଫଡିଏଫ ଆକାଉଣ୍ଟରେ ଥିବା ଆବର୍ତ୍ତନ ପାଣ୍ଠିକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସ୍ୱଳ୍ପ ସୁଧହାରରେ ଋଣ, ସମିତି ଦ୍ୱାରା ଋଣ ଲଗାଣ ଏବଂ ଋଣ ଆଦାୟ ଉପରେ ସମୀକ୍ଷା କରାଯାଇଛି। ଅନୁଗୋଳ ବନଖଣ୍ଡ ଅଧିକାରୀ ଭି. କାର୍ତ୍ତିକ, ସହକାରୀ ବନ ସଂରକ୍ଷକ ବାସୁଦେବ ନାୟକ, ଜରପଡା ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ନାଏକ,ଫରେଷ୍ଟର ଲୋକନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସଭାପତି ଲମ୍ବୋଦର ସାହୁ ସମିତିର ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସଭ୍ୟ ପ୍ରଫୁଲ୍ଲ କୁମାର ସାହୁ, ପ୍ରକୃତି ପରିବେଶ ଓ ବନ୍ୟ ଜୀବନ ସମିତି ସଙ୍ଗଠନ ଟିମ ଲିଡର ଅଭୟ କୁମାର ଗାହାଣ, ପ୍ରୋଜେକ୍ଟ କୋଅର୍ଡିନେଟର ଯଶୋବନ୍ତ ସାହୁ, ଉପସଭାନେତ୍ରୀ ବିଜୁଳି ପ୍ରଧାନ, କୋଷାଧ୍ୟକ୍ଷ ଦୁଃଶାସନ ସାହୁ, ବନ ସହାୟକ ଧ୍ରୁବ ଚରଣ ସାହୁ, ଫରେଷ୍ଟଗାର୍ଡ ବିଜୟ କୁମାର ନାଏକ, ପ୍ରକାଶ ପ୍ରଧାନ, କନ୍ଦର୍ପ ସାହୁ, ପବିତ୍ର ସାହୁ, ସାଗର ପ୍ରଧାନ, ପ୍ରହ୍ଲାଦ ପ୍ରଧାନ, ପ୍ରଫୁଲ୍ଲ ସାହୁ, ଚଞ୍ଚଳା ବେହେରାଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

---

**ଧରିତ୍ରୀର ଢେଙ୍କାନାଳ ସଂସ୍କରଣ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୬୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

ଧରିତ୍ରୀ
DHARITRI
ଢେଙ୍କାନାଳ, ରବିବାର, ୭ ଏପ୍ରିଲ, ୨୦୧୯



## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ଯୋଡ଼ା, ୬।୪(ଡି.ଏନ.ଏ.):** ଯୋଡ଼ା ସହରର ଶାସ୍ତ୍ରୀନଗରଠାରେ ଜଣେ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶାସ୍ତ୍ରୀନଗରରେ ରହୁଥିବା ନରସିଂହ ପାତ୍ର(୪୦) ଗୁରୁବାର ବିଳମ୍ବିତ ରାତିରେ ପରିବାରର ସଦସ୍ୟଙ୍କ ସହ ଖାଇପିଇ ଅନ୍ୟ ଏକ କୋଠରିରେ ଶୋଇବାକୁ ଯାଇଥିଲେ। ସକାଳେ ପରିବାର ଲୋକେ କୋଠରି ଭିତରେ ଦେଖିଲା ବେଳେକୁ ସେ ଫ୍ୟାନରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ମାମଲା ରୁଜୁ କରିଛି।

### ରାଷ୍ଟ୍ରୀୟ ନବବର୍ଷ ପାଳିଲେ ଛାତ୍ରୀଛାତ୍ର

**ଚମ୍ପୁଆ, ୬।୪(ଡି.ଏନ.ଏ.):** ଚମ୍ପୁଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶନିବାର ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କ ସଭାପତିତ୍ୱରେ ଏହି ରାଷ୍ଟ୍ରୀୟ ନବବର୍ଷରେ ମୁଖ୍ୟ ବକ୍ତା ଭାବେ ଆଚାର୍ଯ୍ୟ ବସନ୍ତ କୁମାର ମହାନ୍ତ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷ ପାଳନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦାସ ଏହି ଦିବସ ସହ ଜଡିତ ବୈଜ୍ଞାନି ଓ ପୌରାଣିକ ଦୃଷ୍ଟିକୋଣ ସମ୍ପର୍କରେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭାସ୍କର ମହାକୁଡ, ଉମେଶ ମହାନ୍ତ, ରବୀନ ମହାନ୍ତ ସହ ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ପରିଚାଳନା କରିଥିଲେ।

### ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା

**କେନ୍ଦୁଝର, ୬।୪(ସ୍ୱ.ପ୍ର.):** ହିନ୍ଦୁ ନବ ବର୍ଷ ଉପଲକ୍ଷେ ରାଷ୍ଟ୍ରିୟ ସ୍ୱୟଂ ସହାୟକ ଓ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଶନିବାର ରାମନାମ ଜପ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସହରରେ ଥିବା ବିଭିନ୍ନ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସକାଳ ୫ଟା ୩୦ରୁ ୭ଟା ୩୦ ପର୍ଯ୍ୟନ୍ତ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଓ ବିଶ୍ୱ କଲ୍ୟାଣ ନିମନ୍ତେ ରାମ ନାମ ଜପ ଓ ଦ୍ୱୀପ ପ୍ରଜ୍ୱଳନ କରିଥିଲେ। ସନ୍ଧ୍ୟାରେ ଏ ନେଇ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ହେବ ବୋଲି ଜଣାପଡିଛି।

### ୩୦ ସିଟ ପାଇଁ ୩୦୦ ଛାତ୍ରୀ

କେନ୍ଦୁଝର, ୬।୪(ସ୍ୱ.ପ୍ର.)

ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀମାନେ ଉଚ୍ଚ ଶିକ୍ଷା ଲାଗି ସୁରକ୍ଷିତ ପାଠ ପଢିବା ପାଇଁ ସହରକୁ ଆସୁଛନ୍ତି। ବିଭିନ୍ନ କାରଣରୁ ଏହି ଛାତ୍ରୀମାନେ ପାଠ ପଢିପାରୁ ନାହାନ୍ତି। ସେଥି ମଧ୍ୟରୁ ମୁଖ୍ୟ ସମସ୍ୟା ହେଉଛି ରହିବା। ସମସ୍ତେ ହଷ୍ଟେଲରେ ରହି ପାଠ ପଢିବାକୁ ଚାହାନ୍ତି। ହଷ୍ଟେଲ ଅଭାବରୁ ଫେରୁ ଯାଉଛନ୍ତି। ଏଭଳି ଜିଲା ମୁଖ୍ୟାଳୟରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପଢିବା ପାଇଁ ଜିଲା ସାରା ଛାତ୍ରୀମାନେ ଆଗ୍ରହ କରି ଆବେଦନ କରୁଛନ୍ତି। ହଷ୍ଟେଲରେ ସିଟ କମ ଥିବାରୁ ଛାତ୍ରୀମାନେ ନିରାଶ ହେଉଛନ୍ତି। ଏହି ବାଳିକା ଉଚ୍ଚବିଦ୍ୟାଳୟରେ ରହିଛି ଦୁଇଟି ହଷ୍ଟଲ। ଗୋଟିଏ ଜେନେରାଲ ହଷ୍ଟେଲ ଓ ଆଉ ଏକ ଏସଟି ହଷ୍ଟେଲ। ଏସଟି ହଷ୍ଟେଲରେ ୧୧୦ ସିଟ ରହିଛି। ମାଟ୍ରିକ ପରୀକ୍ଷା ସରିଯିବା ପରେ ଏବେ ୩୦ ସିଟ ଖାଲି ପଡିଛି। ଏହି ହଷ୍ଟେଲରେ ରହି ପାଠ ପଢିବା ପାଇଁ ପାଖାପାଖି ୩୦୦ ପିଲା ଆବେଦନ କରିଛନ୍ତି। ଏଥିପାଇଁ ବାଧ ହୋଇ ପ୍ରବେଶିକା ପରୀକ୍ଷା କରିବାକୁ ପଡିଛି। ଅବଶିଷ୍ଟ ପାଖାପାଖି ୨୭୦ ପିଲାଙ୍କୁ ନିରାଶ ହୋଇ ଫେରିବାକୁ ପଡିବ। ଏହି ୧୧୦ ସିଟ ବିଶିଷ୍ଟ ହଷ୍ଟେଲର ସିଟ ବୃଦ୍ଧି କରି ୨୦୦ ସିଟ କରିବାକୁ ଅଭିଭାବକ ଦାବି କରିଛନ୍ତି।

### ଘରେ ପଶିଲା ଡମ୍ଫର

ଯୋଡ଼ା, ୬।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜରିବାହାଲ ଆମ୍ବାମାଲ୍ଟାଠାରେ ଭାରସାମ୍ୟ ହରାଇ ଏକ ଡ୍ରମ୍ପର ଜଣେ ବ୍ୟକ୍ତିଙ୍କ ଘରେ ପଶି ଯାଇଛି। ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଜଣାପଡିଛି। ଶୁକ୍ରବାର ବିଳମ୍ବିତ ରାତିରେ ଡମ୍ଫର ନଂ ଓଆର୦୯ଏଫ୦୭୪୨ ଖଣିଜ ବୋଝେଇ କରି ଜୁରୁଡି ଅଭିମୁଖେ ଆସୁଥିଲା। ଜରିବାହାଲଠାରେ ଭାରସାମ୍ୟ ହରାଇ ଏକ ଘର ଭିତରେ ପଶିଯାଇଥିଲା। ଘର ଭିତରେ ଥିବା ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘର ମାଲିକଙ୍କ ଏକ ବାଇକ ମଧ ଭାଙ୍ଗି ଯାଇଛି। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇ ନ ଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

# ଗାଡ଼ି ନେଲା ୨ ଜୀବନ

**ପୃଥକ ସଡ଼କ ଦୁର୍ଘଟଣା**

- ରାସ୍ତା ଅବରୋଧ, କ୍ଷତିପୂରଣ ଦାବି
- ଭାରିଯାନ ଚଳାଚଳ ଉପରେ ଅଙ୍କୁଶ ନାହିଁ

**କେନ୍ଦୁଝର/ବଡବିଲ, ୬।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ପୃଥକ ସ୍ଥାନରେ ଶନିବାର ଅପରାହ୍ନରେ ଅଜଣା ଗାଡ଼ି ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପାନ ନାଏକ(୬୫) ଏବଂ ସୁରେଶ କୁଜୁର (୪୮)। ସ୍ଥାନୀୟ ଧୃପଦା ଗ୍ରାମ ନିକଟ ୨୦ ନମ୍ବର ଜାତୀୟ ରାଜପଥରେ ଅଜଣା ଗାଡ଼ି ଧକ୍କାରେ ବୃଦ୍ଧା ପାନଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ସେ ରାସ୍ତା ପାର ହେଉଥିବା ବେଳେ ଏହି ଗାଡି ଧକ୍କା ଦେଇ ଫେରାର ହୋଇଯାଇଛି। ଏ ନେଇ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଟାଉନଥାନା ଅଧିକାରୀ ସୋମନାଥ ଜେନାଙ୍କୁ ପଚାରିବାରୁ ଦୁର୍ଘଟଣା ଘଟାଇ ଗାଡି ଫେରାର ହୋଇଯାଇଛି। ରାସ୍ତା ଅବରୋଧ ଉଠିଯାଇଛି। ଘଟଣାର ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି।

ସେହିପରି ବଡବିଲ ଥାନା ଅନ୍ତର୍ଗତ ଭଦ୍ରାସାହି–ନାଲଦା ରାଜ୍ୟ ରାଜପଥରେ ଭାରୀଯାନ ଚଳାଚଳ ନିମନ୍ତେ ଦିନବେଳେ କୋହଳର ପରିଣାମ ପ୍ରତିଫଳିତ ହୋଇଛି। ଶନିବାର ଅପରାହ୍ନ ୨ଟାରୁ ୩ଟା ମଧ୍ୟ ରେନୋ–ଏଣ୍ଡ୍ରି ଖୋଲିଥିବା ବେଳେ ଏକ ଅଜଣା ଗାଡି ଧକ୍କାରେ ସାଇକେଲ ଆରୋହୀ ସୁରେଶଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ସେ ବଡବିଲ ଥାନା କାଶିଆ ଗ୍ରାମରେ ରହି କ୍ରସର ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଅଞ୍ଚଳରେ। ତୁରନ୍ତ ସୁରେଶଙ୍କ ମୃତଦେହକୁ ବଡବିଲସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନ୍ତରିତ କରାଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଗାଡିର କୌଣସି ପତ୍ତା ମିଳିପାରି ନ ଥିବା ଥାନାଧିକାରୀ ସୁଶାନ୍ତ ଦାଶ କହିଛନ୍ତି। ବଡବିଲସ୍ଥିତ ଭଦ୍ରାସାହି ଛକଠାରୁ ରାଜ୍ୟ ସୀମାନ୍ତ ନାଲଦା ପର୍ଯ୍ୟନ୍ତ ୧୦ ନମ୍ବର ରାଜ୍ୟ ରାଜପଥ ସହର ଦେଇ ଯାଇଛି। ଲୁହାପଥର ପରିବହନ ପାଇଁ ଅହରହ ଭାରୀଯାନ ଚଳାଚଳ ଯୋଗୁଁ ଦୁର୍ଘଟଣା ଘଟି ଅନେକ ସମୟରେ ଜନଜୀବନ ନଷ୍ଟ ହେଉଛି। ଦୀର୍ଘ ବର୍ଷରୁ ପ୍ରଶାସନ ପକ୍ଷରୁ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏହି ରାସ୍ତା ଦେଇ ଭାରୀଯାନ ଚଳାଚଳ ଉପରେ ଅଙ୍କୁଶ ଲଗାଇଥିଲା। ଏବେ ଭାରିଯାନ ଉପରେ ଲାଗିଥିବା ଅଙ୍କୁଶକୁ କୋହଳ କରାଯାଇଛି। ଫଳରେ ଏପରି ଦୁର୍ଘଟଣା ଘଟୁଛି। ଭାରୀଯାନ ଗୁଡିକର ଦ୍ରୁତଗତି ଉପରେ ପୋଲିସ ପ୍ରଶାସନ ଓ ପରିବହନ ବିଭାଗ ମିଳିତ ଭାବେ ନିୟମିତ ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି।



କେନ୍ଦୁଝରରେ ଲୋକେ ରାସ୍ତା ଅବରୋଧ କରିଛନ୍ତି।

# ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ତାଳଚେର,୬।୪(ନି.ପ୍ର.)**

ତାଳଚେର ବ୍ଲକ ପଦ୍ମାବତୀପୁର ପଞ୍ଚାୟତ କନ୍ଧବେରେଣୀ ଆଶ୍ରମ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୟାନିଧି ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ପରେ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ ନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁମିତା ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଘନଶ୍ୟାମ ସାହୁ, ରାମଚନ୍ଦ୍ର ବେହେରା, ଲକ୍ଷ୍ମୀଧର ବେହେରା, ମମିତା ପଣ୍ଡା, କନକ କିସାନ ପ୍ରମୁଖ ସହଯୋଗ କରିଥିଲେ।

# ୧୫ କେନ୍ଦ୍ରରେ ନବୋଦୟ ପ୍ରବେଶିକା ପରୀକ୍ଷା

**ଅନୁଗୋଳ ଅଫିସ, ୬।୪**

ଅନୁଗୋଳ ଜିଲାରେ ନବୋଦୟ ବିଦ୍ୟାଳୟ ପାଇଁ ପ୍ରବେଶିକା ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଯାଇଛି। ୧୫ଟି ପରୀକ୍ଷା କେନ୍ଦ୍ରରେ ଆୟୋଜିତ ହୋଇଥିବା ପରୀକ୍ଷାରେ ମୋଟ ୩ ହଜାର ୮୧୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ପୂର୍ବାହ୍ନ ୧୧.୩୦ରେ ପରୀକ୍ଷା ଆରମ୍ଭ ହୋଇ ମଧ୍ୟାହ୍ନ ୧.୩୦ରେ ଶେଷ ହୋଇଥିଲା। ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଥିବା ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସୂଚନା ଦେଇଛନ୍ତି।

ଅନୁଗୋଳ ନବୋଦୟ ବିଦ୍ୟାଳୟରେ ଥିବା ୮୦ଟି ସିଟ୍ ପାଇଁ ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ଶୁକ୍ରବାର ହୋଇଥିବା ପରୀକ୍ଷାରେ ମୋଟ ୪ ହଜାର ୪୧୨ ଜଣ ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ। ବିଭିନ୍ନ କେନ୍ଦ୍ରରେ ମୋଟ ୫୯୮ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। କେବଳ କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ନୋଡ଼ାଲ ଉପ୍ରା ବିଦ୍ୟାଳୟ ଓ କିଶୋରନଗର ହାଇସ୍କୁଲଠାରେ ୨ଟି ପରୀକ୍ଷା କେନ୍ଦ୍ରରେ ୪୩୫ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ସେହିପରି ଜିଲାର ମହେନ୍ଦ୍ର ହାଇସ୍କୁଲ ଆଠମଲ୍ଲିକ, ଆରଡ଼ି ଆଇସ୍କୁଲ, ଛେଣ୍ଡିପଦା ହାଇସ୍କୁଲ, ପିପି ହାଇସ୍କୁଲ ଜରପଡ଼ା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅନୁଗୋଳ, ବନ୍ତଳା ହାଇସ୍କୁଲ, ପିବିକେ ହାଇସ୍କୁଲ ବଅଁରପାଳ, କୁମଣ୍ଡ ଜରାସିଂହା ହାଇସ୍କୁଲ, ହାଣ୍ଡିଧୂଆଁ ହାଇସ୍କୁଲ, ଏନ୍‌କେଭିପି ହାଇସ୍କୁଲ ସାଉଥବଲାଣ୍ଡ, ପିଏମ୍ ହାଇସ୍କୁଲ କଣିହାଁ, ସରକାରୀ ଉଚ୍ଚ ବିଦ୍ୟାଳୟ ସମଲ ବ୍ୟାରେଜ, ମହତାବ ହାଇସ୍କୁଲ ପାଲଲହଡ଼ା, ଯୁଜିୟୁବିପି ଖମାର ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ପରୀକ୍ଷା ପରିଚାଳନା କରିବାକୁ ୧୭୭ ଜଣ ପରୀକ୍ଷକ, ୧୫ ଜଣ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ, ୧୫ ଜଣ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଓ ୧୫ ଜଣ ସେଣ୍ଟର ଅବଜରଭର ନିୟୋଜିତ ହୋଇଥିଲେ। ଜିଲା ଶିକ୍ଷା ଅଧିକାରୀ ବେହେରା ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଅନୁଧ୍ୟାନ କରିଥିଲେ।



ଏକ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଛନ୍ତି।

# ଯୁବତୀଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୬।୪**

ଜଣେ ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ ମର୍କତନଗର ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଢେଙ୍କାନାଳ ଜିଲା ସଦର ଥାନା କାଳଙ୍ଗ ଅଞ୍ଚଳର ଶ୍ରୀଧର ସାହୁ। ପୋଲିସ ଯୁବତୀଙ୍କୁ ଢେଙ୍କାନାଳରୁ ଉଦ୍ଧାର ଗିରଫ କରିଛି। ଏ ନେଇ ଥାନାରେ ନଂ. ୫୯/୧୯ରେ ମାମଲା ରୁଜୁ ହୋଇଛି। ଶ୍ରୀଧର ତେଲେଙ୍ଗାନା ହାଇଦ୍ରାବାଦର ଏକ ଲୁହା ଓ୍ୱଲ୍ଡିଂ ଦୋକାନରେ କାର୍ଯ୍ୟ କରନ୍ତି। ୨ ବର୍ଷ ତଳେ ସିଡିଏ ଅଞ୍ଚଳରେ ରହୁଥିବା ଉକ୍ତ ଯୁବତୀଙ୍କ ସହ ଫେସ୍‌ବୁକ୍‌ରେ ତାଙ୍କର ଚିହ୍ନା ପରିଚୟ ହୋଇଥିଲା। ଶ୍ରୀଧର ଏମ୍‌ବିଏ କରିବା ପରେ ହାଇଦ୍ରାବାଦରେ ଏକ କମ୍ପାନୀରେ କାର୍ଯ୍ୟ କରୁଛନ୍ତି ବୋଲି ଯୁବତୀଙ୍କୁ କହିଥିଲେ। ଯୁବତୀ ଜଣକ ଯୁକ୍ତ ୩ ପଢୁଥିବାବେଳେ ଶ୍ରୀଧର ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀଧର ଓଡ଼ିଶା ଆସିବା ପରେ ଗତ ୩ ତାରିଖରେ ଯୁବତୀଙ୍କୁ ବିବାହ କରିବାକୁ କହି ତାଙ୍କୁ ଘରୁ ନେଇ ଢେଙ୍କାନାଳ ପଳାଇ ଯାଇଥିଲେ। ତେବେ ଯୁବତୀଙ୍କ ନିଖୋଜ ହୋଇଥିବା ନେଇ ସେହିଦିନ ତାଙ୍କ ପରିବାର ଲୋକ ମର୍କତନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ତଦନ୍ତ କରି ଶ୍ରୀଧର ଢେଙ୍କାନାଳରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ଏକ ପୋଲିସ ଟିମ୍ ସେଠାକୁ ଯାଇ ଯୁବତୀଙ୍କୁ ଉଦ୍ଧାର କରିବା ସହ ଶ୍ରୀଧରକୁ ଗିରଫ କରିଥିଲା। ପଚରାଉଚରା ପରେ ଶ୍ରୀଧର ହାଇଦ୍ରାବାଦରେ ଏକ ଲୁହା ଓ୍ୱଲ୍ଡିଂ ଦୋକାନରେ କାର୍ଯ୍ୟ କରୁଥିବାବେଳେ ଯୁବତୀଙ୍କୁ ମିଛ କହିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏପରି କି ଯୁବତୀଙ୍କ ସହ ବହୁବାର ଶାରୀରିକ ସମ୍ପର୍କ ରଖିଥିବା ମଧ୍ୟ ମାନିଥିଲେ ବୋଲି ପୋଲିସ ସୂଚନା ଦେଇଛି।

# ପାଣି ନ ମିଳିଲେ ଭୋଟ ବର୍ଜନ

**ଖିରେଇଟାଙ୍ଗିରି ସରପଞ୍ଚଙ୍କୁ ଘେରିଲେ ମହିଳା**



ମହିଳାମାନେ ସରପଞ୍ଚଙ୍କୁ ଘେରିଛନ୍ତି।

**ପାଟଣା, ୬।୪(ସ୍ୱ.ପ୍ର.)**

ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଦାବିରେ କେନ୍ଦୁଝର ଜିଲା ପାଟଣା ବ୍ଲକ ଖିରେଇଟାଙ୍ଗିରି ପଞ୍ଚାୟତର ଡାବରଚୁଆ ଓ ନୂଆଗାଁ ଗ୍ରାମର ଶତାଧିକ ମହିଳା ଶନିବାର ସରପଞ୍ଚ ବନୋଜ ନାଏକଙ୍କୁ ଘେରିଥିବା ଜଣାଯାଇଛି। ସାଧାରଣ ନିର୍ବାଚନ ପୂର୍ବରୁ ପାଇପ ଯୋଗେ ଜଳ ଯୋଗାଣ ନ ହେଲେ ଭୋଟ ବର୍ଜନ କରିବେ ବୋଲି ମହିଳା ଚେତାବନୀ ଦେଇଛନ୍ତି। ପାଣି ନାହିଁ ତ ଭୋଟ ନାହିଁ ବୋଲି ସେମାନେ କହିଛନ୍ତି। କୌଣସି ରାଜନେତା କିମ୍ବା ଭୋଟ ବାକ୍ସ ଗ୍ରାମ ମଧ୍ୟକୁ ପୁରାଇ ନ ଦେବା ପାଇଁ ଚେତାବନୀ ମଧ ଦେଇଛନ୍ତି।

ପାନୀୟ ଜଳ ଯୋଗାଣ ପାଇଁ ଉକ୍ତ ପଞ୍ଚାୟତର ଧାନବେଣୀଠାରେ ଏକ ମେଗା ଜଳ ପ୍ରକଳ୍ପର ଟାଙ୍କି ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ପ୍ରକଳ୍ପରୁ ଖିରେଇଟାଙ୍ଗିରି ପଞ୍ଚାୟତର ସମସ୍ତ ଗ୍ରାମକୁ ଜଳଯୋଗାଣ ପାଇଁ ପାଇପ ବିଛା ହୋଇଛି। ୭ ନମ୍ବର ୱାର୍ଡର ଡାବରଚୁଆ, ୮ ନମ୍ବର ୱାର୍ଡର ଦୁଧିଆଚୁଆସାହି, ସୁନାସାହି,ହୁଡି ସାହି ଓ ୧ନମ୍ବର ୱାର୍ଡର ନୂଆଗାଁ ଗ୍ରାମର ତଳ ସାହିକୁ ଏଥିରୁ ବାଦ ଦିଆଯାଇଛି। ଏ ନେଇ ଉକ୍ତ ସାହିର ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି।

# ପୂର୍ବତନ ଉପାଧ୍ୟକ୍ଷ ଗିରଫ

**ଆନନ୍ଦପୁର, ୬।୪(ସ୍ୱ.ପ୍ର.)**

୨୦୧୯ ସାଧାରଣ ନିର୍ବାଚନ ପାଇଁ ରାଜନୈତିକ ମାହୋଲ ସରଗରମ ହେଉଥିବାବେଳେ କର୍ତ୍ତବ୍ୟରତ ଘସିପୁରା ଥାନା ପୋଲିସକୁ ଦୁର୍ବ୍ୟବହାର ଓ ଏଏସଆଇଙ୍କୁ ଧକ୍କା ଆକ୍ରମଣ ଅଭିଯୋଗରେ ଶନିବାର ଆନନ୍ଦପୁର ପୌରପରିଷଦର ପୂର୍ବତନ ଉପାଧ୍ୟକ୍ଷ ସୁରେଶ ସାହୁ ଏବଂ ତାଙ୍କ ଭାଇ ଜିତେନ୍ଦ୍ର ସାହୁ ଗିରଫ ହୋଇଛନ୍ତି। ଉଭୟଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଏ ନେଇ ଆନନ୍ଦପୁର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଘସିପୁରା ମୁରାବାଲିର ଗୋପୀନାଥ ସାହୁଙ୍କ ପୁଅ ରାଜେନ୍ଦ୍ର ବଜାରରେ ଗାଳିଗୁଲଜ କରିବା ଅଭିଯୋଗରେ ପୋଲିସ ତାଙ୍କୁ ଆଣି ଡାକ୍ତରୀମାଇନା କରିବା ସହ ଥାନାରେ ଅଟକ ରଖିଥିଲା। ଏହି ଘଟଣାକୁ କେନ୍ଦ୍ରକରି ରାଜେନ୍ଦ୍ରଙ୍କ ଭାଇ ତଥା ଆନନ୍ଦପୁର ପୌରପରିଷଦର ପୂର୍ବତନ ଉପାଧ୍ୟକ୍ଷ ସୁରେଶ ଓ ତାଙ୍କ ଭାଇ ଜିତେନ୍ଦ୍ର ଥାନାରେ ପଶି ପୋଲିସକୁ ଦୁର୍ବ୍ୟବହାର କରିବା ସହ ଏଏସ୍‌ଆଇ ତ୍ରୀଲୋଚନ ଦେହୁରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଉଭୟ ସୁରେଶ ଓ ଜିତେନ୍ଦ୍ରଙ୍କ ନାମରେ ପୋଲିସ ମାମଲା (ନଂ.୫୬/୧୯) ରୁଜୁ କରିଛି। ଘସିପୁରା ଗ୍ରାମ୍ୟ ନ୍ୟାୟାଳୟରେ ହାଜର ହେବା ପରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଆନନ୍ଦପୁର ବିଚାର ବିଭାଗୀୟ ହାଜକୁ ସ୍ଥାନାନ୍ତର କରାଯାଇଛି।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

**ତେଲକୋଇ, ୬।୪(ଡି.ଏନ.ଏ.)**

ତେଲକୋଇ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବକ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ଯୁବକ ସଞ୍ଜୟ ପ୍ରଧାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୩୫/୧୯) ରୁଜୁ କରିଛି।

## ବିଜେଡିର ମିଶ୍ରଣ ପର୍ବ



ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କନ୍ଧପଡ଼ା ନିକଟରେ ଶନିବାର ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ସାଏ ଯୋଗ ଦେଇଥିଲେ। ଭାଜପା ଜିଲା ଅନୁସୂଚିତ ଜାତି ଓ ଜନଜାତିର ଉପସଭାପତି ଇନ୍ଦ୍ରମଣି ବାରିକ ଶୁକ୍ରବାର ଭାଜପାରୁ ଇସ୍ତଫା ଦେଇଥିବାବେଳେ ଶନିବାର ସମର୍ଥକଙ୍କ ସହ ସେ କନ୍ଧପଡ଼ାଠାରେ ବିଜେଡିରେ ଯୋଗ ଦେଇଛନ୍ତି।



ଅନୁଗୋଳର ଏକ ସ୍ଥାନୀୟ ହୋଟେଲରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ଶତାଧିକ କର୍ମୀ ବିଜେଡିରେ ମିଶିଛନ୍ତି। ନିକଟରେ ଭାଜପା ଛାଡ଼ି ବିଜେଡ଼ିରେ ମିଶିଥିବା ନେତା ମୀନକେତନ ଅମାନ୍ତଙ୍କ ନେତୃତ୍ୱରେ କର୍ମୀମାନେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଅନୁଗୋଳର ବିଜେଡି ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ସିଂହଙ୍କ ସହ ଦଳୀୟ ନେତାମାନେ ଉପସ୍ଥିତ ଥିଲେ। ବିଜେଡିରେ ଯୋଗଦେଇଥିବା ଅମାନ୍ତ କହିଛନ୍ତି, ଆସନ୍ତା ଦୁଇ ତିନି ଦିନ ମଧ୍ୟରେ ଆଉ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ। ଏଥିରେ ଭାଜପାରୁ କେତେଜଣ ଟାଣୁଆ ନେତା ଦଳରେ ଯୋଗ ଦେବେ।

■ରାଷ୍ଟ୍ରୀୟ ନବବର୍ଷ ପାଳନ

# ଯୋଗ ବିଦ୍ୟାକୁ ଗ୍ରହଣ କରିଛି ସାରା ବିଶ୍ୱ



ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ।

ଅନୁଗୋଳ ଅଫିସ, ୬।୪

ରାଷ୍ଟ୍ରୀୟନବବର୍ଷପାଳନସମିତିଅନୁଗୋଳ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ବେଦ ଭବନଠାରେ ଶନିବାର ନବବର୍ଷ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ବିଭିନ୍ନ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମେ ୧୧ଶହ ୧ ପାର୍ଥିବ ଶିବ ଲିଙ୍ଗ ପୂଜା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହାପରେ ଜଗନ୍ନାଥ ମନ୍ଦିରର ବାଇଶି ପାହାଚରେ ସାମୂହିକ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ରାଷ୍ଟ୍ରୀୟ ନବ ବର୍ଷକୁ ସମିତି ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ଆଦିତ୍ୟ ବାହିନୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ହେମନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସନାତନ ସନ୍ଥ ସମିତିର ମାର୍ଗଦର୍ଶକ ସ୍ୱାମୀ ସଚ୍ଚିଦାନନ୍ଦ ମହାରାଜ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ବାହିନୀର ରାଷ୍ଟ୍ରୀୟ ସମ୍ପର୍କ ସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର, ଅନୁଗୋଳ ସ୍ୱୟଂଶାସିତ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ଯୋଗ ଦେଇଥିଲେ।

ଏହି ଅବସରରେ ଅତିଥିମାନେ କହିଥିଲେ, ଇଂଲିଶ ନବବର୍ଷ ଭାରତୀୟ ବା ସନାତନ ସଂସ୍କୃତିର ପରିପନ୍ଥୀ। ଏହାକୁ ପ୍ରୟୋଗ କରି ବ୍ରହ୍ମାଙ୍କ ଦ୍ୱାରା ରଚିତ ଦେବଭୂମି ଭାରତ ସନାତନ ରାଷ୍ଟ୍ରୀୟ ନବବର୍ଷ ଚୈତ୍ର ଶୁକ୍ଳ ବର୍ଷ ପ୍ରତିପଦାକୁ ପାଳନ କରାଯାଇଥାଏ। ଇଂରାଜୀ ନବବର୍ଷକୁ ପାଳନ କରାଯାଉଥିବା ବଡ ବିଡମ୍ବନାର ବିଷୟ। ସେହିପରି ଆମେରିକା ସାଂସ୍କୃତିକ ଉପନିବେସବାଦକୁ ସାରା ବିଶ୍ୱରେ ଲଦିବାକୁ ଚାହୁଁଛନ୍ତି। ପାଶ୍ଚାତ୍ୟ ସଭ୍ୟତା ଜନ୍ମନେବା ପୂର୍ବରୁ ଭାରତୀୟ ସଂସ୍କୃତି ପରମ୍ପରା ଜନ୍ମନେଇ ସାରିଥିଲା। ବେଦ ବେଦାନ୍ତ ଉପନିଷଦ ଉପରେ ଗବେଷଣା ହୋଇ ଆସୁଥିବାବେଳେ ମାତ୍ର ଅଳ୍ପ କିଛି ବର୍ଷ ପୂର୍ବରୁ ପାଶ୍ଚାତ୍ୟ ସଭ୍ୟତାକୁ ଆପଣେଇବା ସାରା ବିଶ୍ୱ ପାଇଁ ବହୁତ ବଡ ସଙ୍କଟ ଆସିପାରେ ବୋଲି ଅତିଥିବୃନ୍ଦ ମତପ୍ରକାଶ କରିଥିଲେ। ଏଥିସହ ଗୀତା କେବଳ ଗ୍ରନ୍ଥ ନୁହେଁ ଜୀବନଚର୍ଯ୍ୟା ପାଇଁ ମାର୍ଗଦର୍ଶକ ଅଟେ। ଭାଗବତ ଯୋଗ ବିଦ୍ୟାକୁ ସାରା ବିଶ୍ୱ ଗ୍ରହଣ କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଦିତ୍ୟ ବାହିନୀ ଅନୁଗୋଳ ଶାଖାର ସମ୍ପାଦକ ପର୍ଶୁରାମ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ପୀଠ ପରିଷଦ ରାଜ୍ୟ ସଚିବ ପଣ୍ଡିତ ରୋହିତ କୁମାର ଦାଶ, ଆଦିତ୍ୟ ବାହିନୀ ଅନୁଗୋଳ ଶାଖାର ସଭାପତି ବାସୁଦେବ ହୋତା, ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ, ପତଞ୍ଜଳୀ ଯୋଗ ସମିତି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ଆଦିତ୍ୟ ବାହିନୀର କେନ୍ଦ୍ରାଞ୍ଚଳ ସଂଗଠନ ସଚିବ ପଣ୍ଡିତ ମହେଶ ସାହୁ ଧନ୍ୟବାଦ ଦେଇଥିଲେ।

■ଚାଷ ପାଇଁ ପାଣି ନାହିଁ

# ଜଳନିଧି ଯୋଜନା ଫେଲ୍

ରାଜକୁମାର ପ୍ରଧାନ

ଭାପୁର, ୬।୪

ଓଡ଼ାପଡ଼ା ବ୍ଲକ

■୧୧ଜଣ କରିଛନ୍ତି ଆବେଦନ

■କାର୍ଯ୍ୟକ୍ଷମ ହୋଇନି ଗୋଟିଏ

■କୃଷିରୁ ମୁହଁ ଫେରାଉଛନ୍ତି ଚାଷୀ

ଚାଷ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ରାଜ୍ୟ ପାଇଛି ଶ୍ରେଷ୍ଠ କୃଷିକର୍ମଣ ପୁରସ୍କାର। ଜାତୀୟସ୍ତରରେ ପ୍ରଶଂସିତ ହେଉଛନ୍ତି ସରକାର। ତେବେ ଗ୍ରାମାଞ୍ଚଳ କୃଷିକ୍ଷେତ୍ରରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ଜମିକୁ ପାଣି ନ ଥିବାରୁ ଚାଷରୁ ବିମୁଖ ହେଉଛନ୍ତି ଚାଷୀ। ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକରେ। ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ବ୍ଲକରେ ୨୦୧୭–୧୮ ଏବଂ ୨୦୧୮–୧୯ ଆର୍ଥିକ ବର୍ଷରେ ଗୋଟିଏ ହେଲେ ଜଳନିଧି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇନାହିଁ, ଯାହା ସରକାରୀ ଯୋଜନାର ବାସ୍ତବ କାର୍ଯ୍ୟକାରିତା ଉପରେ ସୃଷ୍ଟି କରିଛି ପ୍ରଶ୍ନବାଚୀ।

କୃଷି ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି ଜଳନିଧି ଯୋଜନା। ଏହାର ପ୍ରମୁଖ ଲକ୍ଷ୍ୟ ହେଉଛି ଗଭୀର ବୋରୱେଲ ମାଧ୍ୟମରେ ଚାଷଜମିକୁ ଅଧିକରୁ ଅଧିକ ଜଳସେଚନ କରାଇବା। ଏଥିପାଇଁ ଚାଷୀଙ୍କୁ ମୋଟ ଖର୍ଚ୍ଚର ୫୦% ଏବଂ ସର୍ବାଧିକ ୫୦ ହଜାର ଟଙ୍କା ଯାଏ ରିହାତି ସୁବିଧା ମିଳିବା ବ୍ୟବସ୍ଥା କରାଯାଇଛି। ଏହାସତ୍ତ୍ୱେ ପ୍ରଚାରପ୍ରସାର ଅଭାବରୁ ଚାଷୀ ଏପରି ଲାଭଦାୟକ ଯୋଜନା ବିଷୟରେ ଜାଣିପାରୁନାହାନ୍ତି। ଅନ୍ୟପଟେ ବୈଷୟିକ ସମସ୍ୟା କାରଣରୁ ଆବେଦନ କରୁଥିବା ଚାଷୀ ବି ଯୋଜନାର ଲାଭ ଉଠାଇପାରୁନାହାନ୍ତି, ଯାହା ଏବେ ଚିନ୍ତାର ବିଷୟ ହୋଇଛି।

କଳାଙ୍ଗ ପଞ୍ଚାୟତ ଅଧୀନ ଭୁବନପୁର ମୌଜାର ପରିବା ଚାଷୀ ହେଉଛନ୍ତି ଲକ୍ଷ୍ମୀଧର ନାୟକ (୨୮)। ପରିବା ଚାଷ ପ୍ରତି ଆକର୍ଷିତ ହୋଇ ସେ ଗତବର୍ଷଠାରୁ ୨ ଏକର ଜମିରେ ଚାଷ କରିଛନ୍ତି। ଜମିରେ ବାଇଗଣ, ଭେଣ୍ଡି, ପୋଟଳ, କାକୁଡ଼ି, କଲରା, ଟମାଟୋ, ମକା ଲଗାଇଛନ୍ତି। ଗୋଟିଏ ଖୋଲାକୂଅ ଜମିକୁ ପାଣି ଯୋଗାଇପାରୁନାହିଁ। ଫଳରେ ଅର୍ଦ୍ଧାଧିକ ଜମିର ଫସଲ ନଷ୍ଟ ହୋଇଯାଇଛି। ଖର୍ଚ୍ଚାନ୍ତ ହୋଇ ଚାଷ କରିବା ପରେ ଜମିକୁ ପାଣିନାହିଁ। ଚାଷ କରିବାକୁ ଇଚ୍ଛା ମରିଯାଉଥିବା ସେ କ୍ଷୋଭବ୍ୟକ୍ତ କରିଛନ୍ତି। କେବଳ ଲକ୍ଷ୍ମୀଧର ନୁହନ୍ତି, ଅଞ୍ଚଳର ଏପରି ଶତାଧିକ ଚାଷୀ ସମାନ କାରଣରୁ ଚାଷରୁ ମୁହଁ ଫେରାଇନେଲେଣି। ଅନେକେ କୃଷି ଛାଡ଼ି ଅନ୍ୟ ବୃତ୍ତିକୁ ଆଦରିନେଲେଣି, ଯାହାର ପ୍ରଭାବ ଅଞ୍ଚଳର କୃଷି ଉତ୍ପାଦନ ଉପରେ ପଡୁଛି।



କୃଷି ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଓଡ଼ାପଡ଼ା ବ୍ଲକରେ ୨୦୧୭–୧୮ ଆର୍ଥିକ ବର୍ଷରେ ଜଳନିଧି ଯୋଜନାରେ ୨୨ଟିବୋରୱେଲ ଖନନ କରିବାକୁ ଟାର୍ଗେଟ ଥିଲା। ଏଥିପାଇଁ ୫ଜଣ ଚାଷୀ ଆବେଦନ କରିଥିବାବେଳେ ଗୋଟିଏ ମଧ୍ୟ କାର୍ଯ୍ୟକ୍ଷମ ହୋଇନାହିଁ। ସେହିପରି ୨୦୧୮–୧୯ ଆର୍ଥିକ ବର୍ଷରେ ୨୦ଟି ଟାର୍ଗେଟ ଥିବାବେଳେ ୬ଜଣ ଆବେଦନ କରିଛନ୍ତି। ଏବେ ସୁଦ୍ଧା ଗୋଟିଏ ବି ବୋରୱେଲ ଖନନ ହୋଇ ନ ଥିବା ଜଣାପଡ଼ିଛି।

ଏ ନେଇ ସହକାରୀ କୃଷି ଅଧିକାରୀ ଶାଶ୍ୱତୀ ମିଶ୍ର କୁହନ୍ତି, ବିଭାଗକୁ ମିଳୁଥିବା ଟାର୍ଗେଟ୍ ଖୁବ୍ କମ୍। ବୋରୱେଲ ଖନନରେ ବୈଷୟିକ ସମସ୍ୟା ରହୁଛି। ଜିପିଏସ୍ ସହାୟତାରେ ଟ୍ରାକିଂ ହୋଇପାରୁନାହିଁ। ଫଳରେ ଆବେଦନକାରୀଙ୍କ ଜମିରେ ବୋରୱେଲ ଖନନ ହୋଇପାରୁ ନ ଥିବା ସେ ସୂଚନା ଦେଇଛନ୍ତି।

# ଟିଟିପିଏସ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ



ତାଳଚେର,୬।୪(ନି.ପ୍ର.)

ଏନ୍‌ଟିପିସି ପରିଚାଳିତ ଟିଟିପିଏସ୍‌ରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଟିଟିପିଏସ୍ ଜିଜିଏମ୍ ବିଶ୍ୱରୂପ ବସୁ, ମୁଖ୍ୟବକ୍ତା ଭାବେ ତାଳଚେର କଲେଜର ଅବସରପ୍ରାପ୍ତ ପ୍ରଧାପକ ଡ. ଦେବୀପ୍ରସାଦ ମିଶ୍ର ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଅଧିକାରୀ, କର୍ମଚାରୀ, ୟୁନିୟନ ପ୍ରତିନିଧିଗଣ ଯୋଗ ଦେଇଥିଲେ। ଏଜିଏମ୍ ଆଲୋଇସ ଟପ୍ପୋ ଧନ୍ୟବାଦ ପ୍ରଦାନ କରିଥିଲେ।

# ପ୍ରଦୀପ୍ତଙ୍କ ଇସ୍ତଫା

ବାଲେଶ୍ୱର ଅଫିସ,୬।୪

ବାଲେଶ୍ୱର ଜିଲା କଂଗ୍ରେସ କମିଟିର ଉପସଭାପତି ପ୍ରଦୀପ୍ତ ମହାପାତ୍ର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଶନିବାର ସନ୍ଧ୍ୟା ୭ଟା ସମୟରେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ୩୦ବର୍ଷ ଧରି ଦଳର ଜଣେ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ଦଳର ପଦାଧିକାରୀମାନେ ତାଙ୍କୁ ଅଣଦେଖା କରିଥିବା ସେ ଅଭିଯୋଗ କରିଛନ୍ତି।















Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ